ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.214, Bhubaneswar Friday, October 04, 2019 | ୨୨ତମ ବର୍ଷ ସଂଖ୍ୟା-୨୧୪ ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୦୪, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹50 (Air Surcharge - 0.50P) Member-INS

## ଗୃହ ନିର୍ମାଣ ଅଗ୍ରିମସୁଧ ହାର ୭.୯ ପ୍ରତିଶତକୁ ହ୍ରାସ

ନୂଆଦିଲ୍ଲୀ , (ପିଏନ)- ଗୋଟିଏବର୍ଷ ଅବଧି ଲାଗି ଗୃହ ନିର୍ମାଣ ଅଗ୍ରିମ (ଏଚବିଏ) ଉପରେ ସୁଧ ହାର୭.୯ ପ୍ରତିଶତକୁ ହ୍ରାସ ପାଇଛି । ପୂର୍ବରୁ ଏହି ହାର ୮.୫ ପ୍ରତିଶତ ଥିଲା । ଯେକୌଣସି ପରିମାଣର ଏଚବିଏ ଋଣ ରାଶି ପାଇଁଏହି ସୁଧ ହାର ଲାଗୁ ହେବ । ହ୍ରାସ ପାଇଥିବା ସୁଧ ହାର ୧ ଅକ୍ଟୋବର, ୨୦୧୯ ଠାରୁ ଲାଗୁ ହୋଇଛି ।ସ୍ଥାୟୀ ସରକାରୀ କର୍ମଚାରୀଙ୍କ ସହିତ ୫ ବର୍ଷ ଲଗାତାର ସେବା ପ୍ରଦାନ କରିଥିବା ଅସ୍ଥାୟୀ କର୍ମଚାରୀଙ୍କ ପାଇଁ ମଧ୍ୟ ଏଚବିଏ ଲାଗୁ ହେବ । ମନ୍ତ୍ରଣାଳୟ/ବିଭାଗଗୁଡ଼ିକୁ ଏଚବିଏ ନିୟମ ଅନୁଯାୟୀ ନିଜ କର୍ମଚାରୀଙ୍କ ଲାଗି ଗୃହ ନିର୍ମାଣ ଅଗ୍ରିମ (ଏଚବିଏ) ମଞ୍ଜୁର କରିବା ଲାଗି କ୍ଷମତା ପ୍ରଦାନ କରାଯାଇଛି ।ଏଚବିଏ କେନ୍ଦ୍ରସରକାରୀ କର୍ମଚାରୀଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା ଯାହା ମାଧ୍ୟମରେ ସେମାନଙ୍କୁ ଘର କିମ୍ବା ଫ୍ଲାଟର କ୍ରୟ କିମ୍ବା ନିର୍ମାଣ ଲାଗି ସହାୟତା ପ୍ରଦାନ କରାଯାଇଥାଏ ।

## କେନ୍ଦୁଝର ଜେଲରୁ ମୁକ୍ତ ହେଲେ ୫ କଏଦୀ

କେନ୍ଦୁଝର, (ପିଏନ)- କେନ୍ଦୁଝର ଜେଲ ରେ ସଜା କାଟୁଥିବା ୫ ଜଣ କଏଦୀ ହୋଇଛନ୍ତି ମୁକ୍ତ । ୧୫୦ତମ ଗାନ୍ଧୀ ଜୟନ୍ତୀ ଅବସର ରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମୁକ୍ତ କରାଯାଇଛି । ଏହି ପାଂଚ ଜଣ କଏଦୀ ହେଲେ କେନ୍ଦୁଝର ଜିଲ୍ଲା ର ଘଟଗାଁ ଥାନା ଅଂଚଳର ୪୧ ବର୍ଷିୟ ଯଦୁମଣି ନାଏକ । ଯଦୁମଣି ନାଏକ ଅଣ୍ଡର ସେକ୍ସନ ୩୦୪ ଧାରା ରେ ୧୦ ବର୍ଷ ସଜା କାଟୁଥିଲା । ଅନୁରୁପ ଭାବେ ତୁରୁମୁଙ୍ଗା ଥାନା ଅଂଚଳର ୩୨ ବର୍ଷିୟ ଉମ୍ବରୁ ନାଏକ । ଉମ୍ବରୁ ନାଏକ ଅଣ୍ଡର ସେକ୍ସନ ୩୨୩-୫୦୬-୩୦୪ ଧାରା ରେ ଆଠ ବର୍ଷର ସଜା କାଟୁଥିଲେ । ସେହିପରି କାଞ୍ଜିପାଣି ଥାନା ଅଂଚଳର ୩୧ ବର୍ଷିୟ ବିଜୁ ଜୁଆଙ୍ଗ ଅଣ୍ଡର ସେକ୍ସନ ୩୦୪ ପାର୍ଟ ଟୁ ଅଫ ଆଇପିସି ଧାରା ରେ ଦୁଇ ହଜାର ଟଙ୍କା ଜୋରିମାନ ସହ ୭ ବର୍ଷ ସଜା କାଟୁଥିଲେ । ଏବଂ ନୟାକୋଟ ଥାନା ଅଂଚଳର ୪୪ ବର୍ଷିୟ ଭାଗି ମୁଣ୍ଡା ଅଣ୍ଡର ସେକ୍ସନ ୩୦୪ ପାର୍ଟ ଟୁ ଅଫ ଆଇପିସି ଧାରା ରେ ୬ ବର୍ଷ ଜେଲ ଦଣ୍ଡ ସଜା କାଟୁଥିବା ବେଳେ ତେଲକୋଇ ଥାନା ଅଂଚଳର ୬୩ ବର୍ଷିୟ ଜଳଧର ନାଏକ ଅଣ୍ଡର ସେକ୍ସନ ୩୨୪ ଧାରା ରେ ୫୦୦ ଟଙ୍କା ଜୋରିମାନ ସହ ୨ ବର୍ଷ ର ସଜା କଟୁଥିଲା । ଏହି ପାଂଚଜଣ କଏଦୀ ଙ୍କୁ ଗାନ୍ଧୀଙ୍କର ୧୫୦ ତମ ଜୟନ୍ତୀ ଅବସରରେ କେନ୍ଦୁଝର ଜିଲ୍ଲା କାରାଗାର ରୁ ମୁକ୍ତ କରି ଦିଆଯାଇଛି ।

# ବିଜେପୁର ପାଇଁ ବିଜେଡି, ବିଜେପି ଓ କଂଗ୍ରେସର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରୀ

ଭୁବନେଶ୍ୱର, (ପିଏନ)- ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଜେପୁର ଉପନିର୍ବାଚନ ଲାଗି ପ୍ରଚାର କରିବା ପାଇଁ ବିଜେଡି , ବିଜେପି ଓ କଂଗ୍ରେସ ପକ୍ଷରୁ ଷ୍ଟାର କ୍ୟାମ୍ପେନର ତାଲିକା ଘୋଷଣା କରାଯାଇଛି । ଶାସକ ବିଜେଡି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ପ୍ରଚାର ମଙ୍ଗ ଧରିବେ । ଏହି କ୍ରମରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୭ ଓ ୧୮ ତାରିଖ ଦିନ ବିଜେପୁରରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ମୁଖ୍ୟମନ୍ତ୍ରୀ ରୋଡ୍ ସୋ କରିବେ ।ନବୀନଙ୍କ ସହିତ ଅନଙ୍ଗ ଉଦୟ ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଫୁଲ୍ଲ ମଲ୍ଲିକ, ପଦ୍ମନାଭ ବେହେରା, ଦେବୀ ମିଶ୍ର, ନବଦାସ , ବିକ୍ରମ ଆରୁଖ, ନିରଂଜନ ପୂଜାରୀ ପ୍ରମୁଖ ରହିଛନ୍ତି । ବିଜେଡିର ସମସ୍ତ ସାଂସଦ, ମନ୍ତ୍ରୀ , ବିଧାୟକ ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକାରେ ରହିଛନ୍ତି ।

ସେହିପରି ବିରୋଧୀ ଦଳ ବିଜେପି ପକ୍ଷରୁ ମଧ୍ୟ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ପ୍ରତାପ ଷଡଙ୍ଗୀ , ସ୍ମୃତି ଇରାନୀ , ଜେ.ପି ନଡ୍ଡା , ଓଡିଶା ପ୍ରଭାରୀ ଅରୁଣ ସିଂହ , ରାଜ୍ୟ ସଭାପତି ବସନ୍ତ ପଣ୍ଡା , ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା , କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ସାଂସଦ ଓ ବିଧାୟକମାନେ ବିଜେପୁର ପାଇଁ ପ୍ରଚାର କରିବେ ।

ଅପରପକ୍ଷରେ କଂଗ୍ରେସ ମଧ୍ୟ ତାର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛି । କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ମନମୋହନ ସିଂ, ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଂଜନ ପଟ୍ଟନାୟକ, ନରସିଂହ ମିଶ୍ର ,ପ୍ରଦୀପ ମାଝି, ରଞ୍ଜୀବ ବିଶ୍ୱାଳ, ଚିରଂଜୀବ ବିଶ୍ୱାଳ , ସୁରେଶ ରାଉତରାୟ ପ୍ରମୁଖ ରହିଛନ୍ତି । ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାପାଇଁ ଏହି ଦଳର ନେତାମାନେ ବିଜେପୁର ମୁହାଁ ହୋଇଛନ୍ତି । ଦଳର ସମ୍ମାନ ରକ୍ଷା କରିବା ନେଇ ଆପ୍ରାଣ ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ବିଜେପୁରରେ ବିଜୟ ସମସ୍ତ ଦଳ ପାଇଁ ସମ୍ମାନର ବିଷୟ ହୋଇଛି ।

ସୂଚନାଯୋଗ୍ୟ ଯେ ଚଳିତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଦୁଇଟି ନିର୍ବାଚନ ମଣ୍ଡଳୀ ହିଂଜିଳି ଓ ବିଜେପୁର ଆସନରୁ ଲଢିଥିଲେ । ଉଭୟ ଆସନରେ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ଇସ୍ତଫା ଦେଇଥିଲେ । ବର୍ତ୍ତମାନ ଏହି ଆସନ ଖାଲି ପଡିଥିବା ବେଳେ ଆସନ୍ତା ୨୧ରେ ବିଜେପୁର ଉପନିର୍ବାଚନ ଅନୁଷ୍ଠିତ ହେବ । ବିଜେଡିର ରୀତା ସାହୁ, ବିଜେପିର ସନତ ଗଡ଼ତିଆ ଏବଂ କଂଗ୍ରେସର ଦିଲ୍ଲୀପ ପଣ୍ଡା ନିର୍ବାଚନ ଲଢୁଥିବା ବେଳେ ୩ ରାଜନୈତିକ ଦଳର ଷ୍ଟାର ପ୍ରଚାରକଙ୍କ ତାଲିକା ଜାରି ହୋଇଛି ।

# ଆନ୍ତର୍ଜାତିକ ଗ୍ରିନ୍ ୱାକାଥନର ଶୁଭାରମ୍ଭ

## ବୃକ୍ଷ ଆମ ଜୀବନ ଓ ସଂସ୍କୃତିର ପ୍ରମୁଖ ଅଂଶ : ରାଜ୍ୟପାଳ



ଭୁବନେଶ୍ୱର, (ପିଏନ)- ବୃକ୍ଷର ବିକଳ୍ପ ନାହିଁ । ଆମର ଜୀବନକୁ ବୃକ୍ଷ ବହୁ ଭାବରେ ପ୍ରତିପାଳିତ କରୁଛି । ବୃକ୍ଷ ହେଉଛି ଧୈର୍ଯ୍ୟ ଓ ପରୋପରାକର ଜୀବନ୍ତ ପ୍ରତୀକ । ନିଜ ଉପରେ ଯେତେ ବିପଦ ଆସିଲେ ମଧ ତାକୁ ସହ୍ୟ କରି ଅପରର ଉପକାର ପାଇଁ ସଦା ତତ୍‌ପର ବୃକ୍ଷ । ଏହି ଦିବ୍ୟ ଭାବ ପାଇଁ ଭାରତୀୟ ସଂସ୍କୃତିର ବୃକ୍ଷ ଦେବତା ଭାବରେ ପୂଜିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି ।

ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆନ୍ତର୍ଜାତିକ ଗ୍ରିନ୍ ୱାକାଥନ୍‌କୁ ଶୁଭାରମ୍ଭ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ବୃକ୍ଷ ଆମ ଜୀବନ ଓ ସଂସ୍କୃତିର ପ୍ରମୁଖ ଅଂଶ ବିଶେଷ । ବୃକ୍ଷକୁ ଆଧାର କରି ଭାରତୀୟ ଧର୍ମ ଧାରଣା ଐତିହ୍ୟ ପରମ୍ପରା ଓ ଜୀବନବୋଧ ନିର୍ମିତ ହୋଇଛି ।

ପୁରାଣ ଓ ଇତିହାସରେ ବୃକ୍ଷର ମହିମା ଓ ମହାତ୍ମ୍ୟର ଭୁରି ଭୁରି ବର୍ଣ୍ଣନା ରହିଛି । ଏଣୁ ବ୍ୟାପକ ବୃକ୍ଷ ରୋପଣ ଓ ଲାଳନ ପାଳନ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

ପୃଥିବୀ ନାମକ ଏକ ସୁନ୍ଦର ଗ୍ରହ ଏବେ ବିପଦରେ । ଏହି ବିପଦର କାରଣ ମଣିଷମାନେ ।

ଏହି ଗ୍ରହର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେଲେ ବୃକ୍ଷର ବିଶେଷ ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନ ଓ ତାର କୁପ୍ରଭାବକୁ ପ୍ରତିହତ କରିବା ପାଇଁ ପ୍ରତ୍ୟେକ ନିଜ ନିଜ ସ୍ତରରେ ବୃକ୍ଷକୁ ଭଲ ପାଇବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

ପ୍ରେରଣାର ଅଧକ୍ଷ ଡ଼. ଦିଲ୍ଲୀପ ଶ୍ରୀଚନ୍ଦନ ଗ୍ରିନ୍ ଆର୍ମିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ସାଂସଦ ଅପରାଜିତା ଷଡ଼ଙ୍ଗୀ ପରିବେଶ ସଂପର୍କିତ ସମସ୍ତ ପ୍ରସଂଗକୁ ପ୍ରଗତି ପ୍ରକ୍ରିୟାରେ ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ପ୍ରକାଶ କରିବା ସହିତ ସେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ ପାଇଁ ପ୍ରୟାସ କରିବେ ବୋଲି ପ୍ରକାଶ କରିଥିଲେ । ଲୋକ ସେବକ ମଣ୍ଡଳର ସଂପାଦକ ନିରଂଜନ ରଥ ଗ୍ରିନ୍ ୱାକାଥନର ପ୍ରଶଂସା କରିବା ସହିତ ଏହାର ସଫଳତା କାମନା କରିଥିଲେ ।

ପ୍ରେରଣା ଓ ସ୍ମାଇଲ୍ ପ୍ଲିଜ୍ ଆୟୋଜିତ ବୃକ୍ଷ ପ୍ରେମୀ ସମାବେଶ ଓ ସଂବର୍ଦ୍ଧନା ଉତ୍ସବରେ ଅମୀୟ ଦାସ, ବିଶ୍ୱମୋହନ ପଟ୍ଟନାୟକ, ପ୍ରକାଶ ଶ୍ରୀଚନ୍ଦନ, ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସାମ୍ବାଦିକ ମାଧବ ବେହୁରା, ସରିତା ପଟେଲ, ସ୍ମୃତି ସୁଧା ନାୟକ, ଲୁସି ମହାପାତ୍ର, ସତ୍ୟନାରାୟଣ ସେଣ, ପଦ୍ମଜା ପ୍ରିୟଦର୍ଶନୀ ଜେନା, ପ୍ରକାଶ ସାମନ୍ତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜାମ୍ମୁ କାଶ୍ମୀରବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନବରାତ୍ରି ଭେଟି

# ନୂଆଦିଲ୍ଲୀ-କାଟ୍ରା ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ

ନୂଆଦିଲ୍ଲୀ , (ପିଏନ)- ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀ-କାଟ୍ରା 'ବନ୍ଦେ ଭାରତ' ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି । ନବରାତ୍ରିରେ ଦେଶବାସୀଙ୍କୁ ଏହି ବଡ ଉପହାର ପ୍ରଦାନ କରୁଥିବାରୁ ଶ୍ରୀ ଶାହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ରେଳ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଥିଲେ । ସେ କହିଲେ ଯେ ଜାମ୍ମୁ-କାଶ୍ମୀରର ବିକାଶ ପାଇଁ ଧାର୍ମିକ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜୀବନକାଳ ମଧ୍ୟରେ ଅତିକମରେ ଥରେ ବୈଷ୍ଣୋଦେବୀ ମନ୍ଦିର ଯାତ୍ରା କରିବା ପାଇଁ ଭାରତର ପ୍ରତ୍ୟେକ ନାଗରିକଙ୍କର ଅଭିଳାଷା ରହିଛି । ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଦେଶର ଧାର୍ମିକ ସ୍ଥଳଗୁଡ଼ିକୁ ନିରାପଦ, ସ୍ୱଚ୍ଛନ୍ଦପୂର୍ଣ୍ଣ ଓ ଉଚ୍ଚ ଗତି ସମ୍ପନ୍ନ ରେଳ ନେଟୱର୍କ ସହିତ ଯୋଡିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ପରିକଳ୍ପନା ରହିଛି । ଏହି ଧାର୍ମିକ ସ୍ଥଳଗୁଡ଼ିକୁ ଯାତ୍ରା କରିବା ତଥା ତୀର୍ଥଯାତ୍ରାକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । 'ବନ୍ଦେ ଭାରତ'ଏକ୍ସପ୍ରେସ ଏ ଦିଗରେ ଏକ ବଡ ପଦକ୍ଷେପ ।ନୂଆଦିଲ୍ଲୀ-ବାରାଣସୀ ସେମି-ହାଇସ୍ପିଡ ଟ୍ରେନ ପରେ ଏହା ହେଉଛି ଦ୍ୱିତୀୟ 'ବନ୍ଦେ ଭାରତ ଏକ୍ସପ୍ରେସ । ପ୍ରଥମ 'ବନ୍ଦେ ଭାରତ ଏକ୍ସପ୍ରେସ'କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ଫେବୃଆରୀ ମାସରେ ଶୁଭାରମ୍ଭ କରିଥିଲେ । ଏହି ଟ୍ରେନର କୋଚ ଗୁଡ଼ିକୁ ଚେନ୍ନାଇ ରେଳ କୋଚ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି । ୫ ଟ୍ରିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟକୁ ହାସଲ କରିବା ଦିଗରେ ରେଳବାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମନେକରୁଥିବାର ଶ୍ରୀ ଶାହ କହିଥିଲେ ।



'ବନ୍ଦେ ଭାରତ' ହେଉଛି ମେକ ଇନ ଇଣ୍ଡିଆର ଏକ ବଡ ସଫଳତା ଏବଂ ଅର୍ଥନୀତିକୁ ବଳ ଦେବା ଦିଗରେ ଏହାର ଏକ ବଡ ଭୂମିକା ରହିଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ରେଳବାଇ କ୍ଷେତ୍ରର ଆଧୁନିକୀକରଣ ଯେପରି ଭାବେ ଦ୍ରୁତଗତିରେ ହେଉଛି ଏଥିରୁ ତାହା ସ୍ପଷ୍ଟ । "ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ରେଳବାଇ ଯେପରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ୫ ଟ୍ରିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ସାକାର କରିବାକୁ ମଧ ରେଳବାଇ ଏହାର ଦ୍ରୁତ ବିକାଶକୁ ବଳବତର ରଖିବାକୁ ପଡିବ ।ଧାରା ୩୭୦ର ଉଚ୍ଛେଦ ସମ୍ପର୍କରେ ମତପ୍ରକାଶ କରି ଶ୍ରୀ ଶାହ କହିଲେ ଯେ ଏହା ଜାମ୍ମୁ-କାଶ୍ମୀରର ବିକାଶ ଓ ଭାରତ ସହିତ ଏହାର ସଂହତିରେ ଏକ ବାଧକ ଥିଲା । ଏହି ଧାରାର ଉଚ୍ଛେଦ ପରେ ଭାରତରୁ ସନ୍ତ୍ରାସବାଦକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇ ପାରିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକଟ କରିଥିଲେ । "ମୁଁ ବିଶ୍ୱାସ କରୁଛି ଯେ ଆଗାମୀ ୧୦ ବର୍ଷ ମଧ୍ୟରେ ବିକାଶ କ୍ଷେତ୍ରରେ କାଶ୍ମୀର ଏକ ପ୍ରମୁଖ ସ୍ଥାନରେ ପହଂଚିବ । ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ପରେ ଏହି ଧାରା ଆରମ୍ଭ ହୋଇଛି । ରାଜ୍ୟର ବିକାଶ ପାଇଁ ଓ ଏଠାରେ ଧାର୍ମିକ ପର୍ଯ୍ୟଟନର ବିକାଶ ପାଇଁ ଏହା ହେଉଛି ଜାମ୍ମୁ କାଶ୍ମୀରର ଜନସାଧାରଣଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏକ ଉପହାର," ବୋଲି ଶ୍ରୀ ଶାହ କହିଛନ୍ତି । ମେକ ଇନ ଇଣ୍ଡିଆ ମାଧ୍ୟମରେ ରେଳବାଇ ଯେପରି ଭାବେ ରୂପାନ୍ତରିତ ହେଉଛି ଏବଂ ଅର୍ଥନୀତିର ବିକାଶରେ ଯେଉଁଭଳି ଯୋଗଦାନ କରୁଛି ତାହାକୁ ନେଇ ଶ୍ରୀ ଶାହ ସନ୍ତୋଷ ପ୍ରକାଶ କରିଥିଲେ ।

## ୫ ନବାଗତ ଆଇଏଏସ୍‌ଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର,(ପିଏନ)- ଆଇଏଏସ କ୍ୟାଡ଼ରର ବରିଷ୍ଠ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ବଦଳି କରାଯାଇଛି । ସେ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିଲେ । ତାଙ୍କ ସ୍ଥାନରେ ଅନ୍ୟତମ ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ଅବସ୍ଥାପିତ କରାଯାଇଛି । ଶ୍ରୀ ଲୋହାନୀ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ପଦବୀରେ ଅଛନ୍ତି ।

ଅନ୍ୟପକ୍ଷରେ ଆଇଏଏସ୍ ଟ୍ରେନିଂରୁ ଫେରିଥିବା ୨୦୧୭ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କୁ ଓମଫେଡ଼ ସଂସ୍ଥାର ସିଜିଏମ୍ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ପି.ଅନଭେସ ରେଡ୍ଡିଙ୍କୁ ରାଜ୍ୟ ଖଣି ନିଗମର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଦିବାକର ଟି.ଏସଙ୍କୁ ରାଜଧାନୀରେ ଥିବା ଓକାକ୍ ସଂସ୍ଥାର ଓଏସଡ଼ି ଏବଂ ହେମକାନ୍ତ ସାଏଙ୍କୁ ଓଟିଡ଼ିସିର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଆଉ ନିର୍ବାଚନ ଲଢିବିନି : ଦାମ ରାଉତ

ଭୁବନେଶ୍ୱର,(ପିଏନ)- ରାଜନୈତିକ ଦଳରେ ରହିଲେ ଯେ କେବଳ ଲୋକସେବା କରିହେବ , ସେ ଧାରଣା ନେରହିବା ଉଚିତ୍ । ହାତ ଗୋଡ ଚଳୁଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା କରି ଚାଲିଥିବି ବୋଲି ବିଜେପିର ବରିଷ୍ଠ ନେତା ଡା.ଦାମୋଦର ରାଉତ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଆସନ୍ତା ନିର୍ବାଚନରେ ସେ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ ପୁଅ ବର୍ତ୍ତମାନ ବିଧାୟକ । କେତେକ ବୁଝାମଣା ପାଇଁ ବିଜେଡିରେ ତାଙ୍କୁ ବହୁବାର କ୍ରୋଧର ଶୀକାର ହେବାକୁ ପଡିଛି । ଆଉ ନିର୍ବାଚନ ଲଢିବା ପାଇଁ ମାନସିକତା ନାହିଁ । ବଳ ନାହିଁ କି ବୟସ ମଧ୍ୟ ନାହିଁ । ଯେଉଁ ଦଳରେ ରହିଛି ସେଠି ନିର୍ବାଚନ ବେଳେ ପଚାରୁଥିଲେ । ନିର୍ବାଚନ ପରେ ଆଉ ପଚାରୁ ନାହାନ୍ତି । କୌଣସି କାର୍ଯ୍ୟକ୍ରମ ବା ନିଷ୍ପତି ସମୟରେ ପରାମର୍ଶ ଲୋଡୁ ନାହାନ୍ତି । ପଚାରନ୍ତୁ ବା ନପଚାରନ୍ତୁ ବଳ ଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା କରି ଚାଲିବି ବୋଲି ଡା. ରାଉତ କହିଛନ୍ତି ।

### ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ

# ସିଟି ଟ୍ରେନିଂ ସ୍କୁଲର ସହକାରୀ ଶିକ୍ଷୟତ୍ରୀ ଗିରଫ

ଭୁବନେଶ୍ୱର, (ପିଏନ)- ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭୁବନେଶ୍ୱର ୟୁନିଟ୍ ୬ ସ୍ଥିତ ସିଟି ସ୍କୁଲର ଶିକ୍ଷୟତ୍ରୀ ତିଳୋତମା ମହାନ୍ତିଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି । ଗୁରୁବାର ସକାଳୁ ଶିକ୍ଷୟତ୍ରୀଙ୍କ ଘର ଉପରେ ଭିଜିଲାନ୍ସ ଚଢାଉ କରିଥିଲା । ଚଢାଉ ସମୟରେ ତାଙ୍କର ମୋଟ୍ ୧ କୋଟି ୮୭ ଲକ୍ଷ ଟଙ୍କାର ସମ୍ପତି ମଧ୍ୟରୁ ୧ କୋଟି ୪୫ ଲକ୍ଷ ଟଙ୍କାର ସମ୍ପତି ଆୟବର୍ହିଭୁତ ବୋଲି ସ୍ପଷ୍ଟ କରିଛି ଭିଜିଲାନ୍ସ । ଏହାପରେ ଅପରାହ୍ନରେ ତାଙ୍କୁ ଗିରଫ କରାଯାଇଥିଲା । ୧୯୮୯ ମସିହାରୁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ ତିଳୋତମା ମହାନ୍ତି । ୨୦୦୯ରେ ଭୁବନେଶ୍ୱର ୟୁନିଟ୍-୬ ସିଟି ସ୍କୁଲରେ ଯୋଗଦେଇଥିଲେ ।ଏହା ପରଠୁ ତାଙ୍କର ସମ୍ପତି ବଢିବାରେ ଲାଗିଥିଲା । ତିଳୋତମାଙ୍କ ନାଁରେ ଉତରା ଶାସନରେ ୪୦ ଲକ୍ଷ ଟଙ୍କାର ଘର, ପ୍ରାୟ ୧ କୋଟି ଟଙ୍କାର ୯ଟି ପ୍ଲଟ, ୯ରୁ ଅଧିକ ବ୍ୟାଙ୍କ ଆକାଉଂଟ ସହ ୩୬ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍ ରହିଛି । ସେହିପରି ୨୫ ଲକ୍ଷ ଟଙ୍କା ମୂଲ୍ୟର ୧୮ଟି ଏଲ୍ଆଇସି ବଣ୍ଡ ମଧ ରହିଛି । ଗୁରୁବାର ଭିଜିଲାନ୍ସର ୩ଟି ଟିମ୍ ସରକାରୀ କ୍ୱାର୍ଟର୍ସ ସମେତ ଉତରା ଶାସନ ଓ ନୟାଗଡ଼ ରଣପୁର ଘରେ ଚଢଉ କରିଥିଲା । ଚଢାଉ ବେଳେ କିଛି ନଗଦ ଟଙ୍କା ସହ , ସୁନା ଗହଣା. ଦାମୀ କାର ଓ ବାଇକ୍ ମଧ୍ୟ ମିଳିଥିଲା । ତେବେ ତିଳୋତମାଙ୍କ ସ୍ୱାମୀ ତପନ ମହାନ୍ତିଙ୍କ କହିବା କଥା, କୌଣସି ସଂପତି ବେଆଇନ୍ ନୁହେଁ । ସହକାରୀ ଶିକ୍ଷୟତ୍ରୀ ଭାବେ ତିଳୋତମାଙ୍କ ଦରମା ପାଖାପାଖି ୫୦ ହଜାର । ଏଭଳି ସ୍ଥିତିରେ କୋଟି କୋଟି ଟଙ୍କାର ମାଲିକାଣୀ କିପରି ହେଲେ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ବିଶ୍ୱ ଅର୍ଥନୀତି ଫୋରମ ଦ୍ୱାରା ଭାରତ ଅର୍ଥନୀତି ଶୀର୍ଷକ ଆଲୋଚନା

# ଉର୍ଜା ଦାରିଦ୍ର୍ୟକୁ ଶେଷ କରିବାରେ ମହତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଭାରତ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ)- ନୂଆଦିଲ୍ଲୀ ଠାରେ ଗୁରୁବାର ବିଶ୍ୱ ଅର୍ଥନୀତି ଫରୋମ ପକ୍ଷରୁ ଆୟୋଜିତ ଭାରତ ଅର୍ଥନୀତି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ପୁନଃ ଶକ୍ତି ସଂଚାର ଦିଗରେ ଭାରତ' ଉପରେ ନିଜର ଭାବନାକୁ ପରିପ୍ରକାଶ କରିଛନ୍ତି । ଦେଶରେ ଶସ୍ତା, ସୁରକ୍ଷିତ ଓ ସ୍ଥାୟୀ ଉର୍ଜା ସମସ୍ତଙ୍କ ନିକଟରେ ପହଁଚାଇବା ପାଇଁ କେନ୍ଦ୍ର ସରକାର ଯୋର ଦେଉଥିବା ବେଳେ ବିଗତ ୫ ବର୍ଷରେ ଭାରତ ଅନେକ ନୀତିଗତ ସଂସ୍କାର କାରଣରୁ ଉର୍ଜା ଦାରିଦ୍ର୍ୟକୁ ଶେଷ କରିବାରେ ମହତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ବୋଲି ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉର୍ଜା ବ୍ୟବହାର କରିବା ଦିଗରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ଏହା ଦେଶର ଉର୍ଜା ଦାରିଦ୍ର୍ୟକୁ ହ୍ରାସ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ଜନସାଧାରଣଙ୍କ ପାଖରେ ଉର୍ଜା ଉପଲବ୍ଧି, ଉର୍ଜା ଦକ୍ଷତା, ଉର୍ଜା ସ୍ଥିରତା ଏବଂ ଉର୍ଜା ସୁରକ୍ଷା ଭଳି ୪ଟି ସ୍ତମ୍ଭକୁ ଆବୃତ କରିଛନ୍ତି । ଉର୍ଜା ନ୍ୟାୟ ପ୍ରଦାନ କରିବା ମଧ୍ୟ ମୋଦି ସରକାରଙ୍କ ଉର୍ଜା ଯୋଜନାର ଗୋଟିଏ ମହତ୍ୱପୂର୍ଣ୍ଣ କ୍ଷେତ୍ର । ବିଶେଷ ଭାବରେ ସାଉଦିଆରବର ତୈଳ କମ୍ପାନୀ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ବଜାରରେ ସୃଷ୍ଟି ହୋଇଥିବା ତୈଳ ଦର ଓ ମହଜୁଦ୍ ତୈଳର ରପ୍ତାନୀ କ୍ଷେତ୍ରରେ ଅନିୟମିତତା ହେତୁ ଭାରତ ସମେତ ସମସ୍ତ ତୈଳ ଆମଦାନୀକାରୀ ଦେଶ ଗୁଡିକ ସ୍ଥାୟୀ ଓ ଶସ୍ତା ଉର୍ଜାର ସ୍ରୋତକୁ ପ୍ରାଥମିକତା ଦେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ଆଗାମୀ ଦିନରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ରଖିଥିବା ବେଳେ ଏହା ମଧ୍ୟ ଜରୁରୀ ଯେ ଦେଶର ୧.୩ ବିଲିୟନ୍ ଲୋକଙ୍କ ପାଇଁ ଅର୍ଥାତ୍ ଯେଉଁମାନଙ୍କର ମୁଣ୍ଡ ପିଛା ଉର୍ଜା ବ୍ୟବହାର ବିଶ୍ୱ ହାରାହାରି ଠାରୁ କମ୍ ସେମାନଙ୍କ ପାଇଁ ଉର୍ଜାର ଉପଲବ୍ଧି ବଢାଇବାର ଆବଶ୍ୟକତା ରହିଛି । ୨୦୩୫ ସୁଦ୍ଧା ଆମର ଉର୍ଜା ଆବଶ୍ୟକତା ପ୍ରତିବର୍ଷ ୪.୨ ପ୍ରତିଶତ ହାରରେ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଭାରତ ଆଗାମୀ ଦିନରେ ଅକ୍ଷୟ ଶକ୍ତିର କ୍ଷମତାକୁ ବଢାଇ ଅଣ-ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ମଧ୍ୟ ବୃଦ୍ଧି କରିପାରିବାର କ୍ଷମତା ରଖିଛି । ଭାରତ ସରକାର ପରିବହନ କ୍ଷେତ୍ରକୁ ବାୟୋଫୁଏଲ ସମେତ ଇ-ମୋବିଲିଟି ମାଧ୍ୟମରେ ସବୁଜସୁନ୍ଦର କରିବା ପାଇଁ ପ୍ରୟାସରତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନ୍ୟୁୟର୍କ ଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତନ ସମ୍ମିଳନୀରେ ଏହି କଥା ବର୍ଣ୍ଣନା କରିଥିବା ଶ୍ରୀ ପ୍ରଧାନ କହିଛନ୍ତି ।ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଭାରତର ଉର୍ଜା ଦୃଶ୍ୟପଟ୍ଟକୁ ପରିବର୍ତନ କରିଛି ଏବଂ ବିଶ୍ୱର ଅନେକ ଦେଶକୁ ଆକର୍ଷିତ କରିଛି । ଅନେକ ବିକାଶଶୀଳ ଦେଶ ଏହି ମେଡଲକୁ ଅନୁସରଣ କରୁଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

# ଅତିରିକ୍ତ ଦାୟିତ୍ୱରେ ଚାଲିଛି ଅଧିକାଂଶ ପଦବୀ

ରାଉରକେଲା,(ପିଏନ)- ଅତିରିକ୍ତ ଜିଲ୍ଲାପାଳ ସମେତ ଆର ଏମ ସି କମିଶନର,ସ୍ମାର୍ଟସିଟି ସିଇଓ ତଥା ବୀରମିତ୍ରପୁର ପୌରପାଳିକା ପ୍ରଶାସକ ଦାୟିତ୍ୱ,ଆର ଡି ଏ ସଚିବ ଦାୟିତ୍ୱରେ ଜଣେ ଅଫିସର ଏବେ ବି କାମ କରୁଛନ୍ତି । ନିକଟରେ ସବକଲେକ୍ଟର ପିଏ ଆଇଟିଡିଏ ପଦବୀରେ ଥିବା ଅଧିକାରୀଙ୍କ ଠାରୁ ଆଇଟିଡିଏ ପଦବୀ ନେଇ ଜଣେ ନୁଆ ଅଧିକାରୀ ଅରୁଣ କୁମାର ମଲ୍ଲିକଙ୍କୁ ଦାୟୀତ୍ୱ ଦିଆଯିବା ସହ ପୁଣି ସବକଲେକ୍ଟରଙ୍କୁ ଆରଟିଓ ଭାବେ ଅତିରିକ୍ତ ଦାୟିତ୍ୱରେ ରଖାଗଲା ।ଏହି ଭଳି ଅନେକ ପଦବୀ ରାଉରକେଲା ସହରରେ ଅତିରିକ୍ତ ଦାୟିତ୍ୱରେ ଚାଲୁଥିବାରୁ ଲୋକେ ଗୋଟାଏ ଅଫିସରୁ ଅନ୍ୟ ଅଫିସ ବୁଲି ନିଜ କାମ କରାଇବା ଲାଗି ଖାଲି ହଇରାଣ ହେବା ସାର ହେଉଥିବା ଦେଖା ଯାଉଛି । ଏଡିଏମ ପଦବୀ ଏକ ପ୍ରଶାସନିକ ପଦବୀ,ଏହି ଅଫିସରେ ପ୍ରତିଦିନ ଅନେକ ଲୋକ ବିଭିନ୍ନ ଅଂଚଳରୁ ଆସି ନିଜ ଆପତି ଅଭିଯୋଗ ଏଡିଏମଙ୍କ ସମ୍ମୁଖରେ ରଖିଥାନ୍ତି ।ସହରରେ ଆଇନ ଶୃଙ୍ଖଳା ଠାରୁ ନେଇ ବାସଚ୍ୟୁତ ମାନଙ୍କ ସମସ୍ୟା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏହି ପଦବୀର ରହିଛି ।ହେଲେ ସବୁ ବେଳେ ଏହି ଅଫିସ ର ମୁଖ୍ୟଙ୍କ ଚେଆର ଖାଲି । ସେହି ଭଳି ଆର ଡି ଏରେ ପ୍ରତିଦିନ ସହର ବାସୀଙ୍କର ଜମୀ ଜମା ଠାରୁ ଆରମ୍ଭ କରି ଘର କିଣା ବିକାର କାମ ସାଙ୍ଗକୁ ନୁଆ ପ୍ରକଳ୍ପର ଗୁଡିକର କାମ ରହୁଛି ।ସେଠାରେ ମଧ ଚେଆର ଖାଲି ।ସ୍ମାର୍ଟ ସିଟି ରେ ୨୩୬ କୋଟୀ ଟଙ୍କା ପଡି ରହିଛି ଅଥଚ କାମହେଉ ନାହିଁ ବୋଲି ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ମନ୍ତ୍ରୀଙ୍କୁ ଚିଠିଲେଖି ଜଣାଇ ଥିଲେ । ଏଠି ଯଦି ଜଣେ ନିୟମିତ ସିଇଓ ନରହିବେ ତେବେ ପ୍ରକଳ୍ପ କାମ କିଭଳି ଆଗେଇବ ତାହା ମଧ ଚିନ୍ତା କରିବାର କଥା ।ଏଠି କେବେ ବି ସିଇଓ ଙ୍କର ପାଦ ପଡୁନଥିବା କୁହାଯାଉଛି । ବାକି ରହିଲା ବୀରମିତ୍ରପୁର ପୌରପାଳିକା ।ସେମାନେ ତ ସବୁ ବେଳେ ପ୍ରସାଶକ ମାନଙ୍କ ପାଖକୁ ଫାଇଲ ଧରି ଆସନ୍ତି ଏବେ ବି ଆସୁଛନ୍ତି । ଠିକ ସେହି ଭଳି ଜଣେ ଲୋକ ପଛରେ ବିଭିନ୍ନ ଅଫିସ ସିନା ଫାଇଲ ଧରି ବୁଲୁଛନ୍ତି ମାତ୍ର ଲୋକଙ୍କ କାମ କିଛି ହୋଇପାରୁନଥିବା କୁହାଯାଯାଛି

ବର୍ତମାନ ପୁଜା ସମୟ,ଆର ଏମ ସି ର ପ୍ରାୟ୧୦୦ଠିକାଦାର ।ଆରଡିଏ ର୨୦ ରୁ ଅଧିକ ।ସ୍ମାର୍ଟସିଟିର ମଧ ୧୦ ରୁ ୧୫ ଠିକାଦାର ।ବୀରମିତ୍ରପୁର ପୌରପାଳିକାର ମଧ ଅନେକ ଠିକାଦାର ।ଏବେ ସମସ୍ତଙ୍କୁ ଦରକାର ପଇସା ।ହେଲେ କୁଆଡେ ସବୁ ଅଫିସ ର ଫାଇଲ ରେ ଦସ୍ତଖତ ହୋଇପାରୁ ନଥିବା କୁହାଯାଉଛି । ବଡ କଥା ହେଲା ଆର ଏମ ସି ରେ କୁଆଡେ ଠିକା କାମରେ ଆଗରୁ ୧୨ପ୍ରତିଶତ କମିଶନ ଦେବାକୁ ପଡୁଥିଲା ।ନିକଟରେ କିଛି ଦିନ ପୁରା ପୁରି ଠିକାଦାର ମାନଙ୍କ ପାଉଣା ବନ୍ଦ କରି ସେହି କମିଶନ କୁ ୧୬ପ୍ରତିଶତ କରାଯାଇଥିବା ଆଲୋଚନା ଚାଲିଛି ।ଏହି ରୋଗ କୁଆଡେ ସବୁ ଅଫିସ କୁ ଘାରିଥିବାରୁ ଚାରିଆଡେ ନାହିଁ ନଥିବା ଅସନ୍ତୋସ କୁହୁଳୁଥିବା କୁହାଯାଉଛି । ତା ଛଡା ଜଣେ ଅଧିକାରୀ ଯଦି ଏତେ ଗୁଡାଏ ଅଫିସ ଦାୟିତ୍ୱରେ ରହିବେ ସେ ସଠିକ ଭାବରେ ଲୋକଙ୍କୁ କିଭଳି ନ୍ୟାୟ ଦେବେ ବୋଲି ଆଲୋଚନା ଚାଲିଛି ।ସରକାରଙ୍କର ଅନେକ ଅଧିକାରୀ ରହିଛନ୍ତି ହେଲେ ରାଉରକେଲା ଏଡିଏମ ,ସ୍ମାର୍ଟ ସିଟି ଓ ଆରଡିଏ ଲାଗି ୩ଜଣ ଅଧିକାରୀ ମିଳୁ ନଥିବା ନେଇ ରାଉରକେଲାରେ ଅସନ୍ତୋଷ ବଢିବାରେ ଲାଗିଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା। କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି। ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ। ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ। ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ। ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିଷ୍ଟ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ। ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି। ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ। ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ।



# ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାର ଉଦ୍ୟମ ଆରମ୍ଭ ହୋଇଛି। ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବ୍ୟ ଗେଟର ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଡାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଡାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ପଦଯାତ୍ରା ରାଜନୀତିରେ ଗାନ୍ଧୀ ସଂକଳ୍ପଯାତ୍ରା





ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀରୁ ସମଗ୍ର ରାଜ୍ୟରେ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତେବେ କେବଳ ସରକାର ନୁହଁନ୍ତି ଏହି ଯାତ୍ରା ଭିତରେ ରାଜ୍ୟର ପ୍ରମୁଖ ତିନୋଟି ଦଳ ବିଜେଡ଼ି, କଂଗ୍ରେସ ଓ ବିଜେପି ଏ ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁଁନାହାନ୍ତି । ଦୁଆର ଦୁଆର ବୁଲି ଜନସାଧାରଣଙ୍କ ନିକଟରେ ପହଞ୍ଚିବାର ରାଜନୈତିକ ଯୋଜନା ରହିଛି । କହିବାକୁ ଗଲେ ଜାତିର ପିତା ମହାତ୍ମା ଗାନ୍ଧୀ ସାଜିଛନ୍ତି ମାଧ୍ୟମ । ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଏବଂ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚିବାକୁ ଉପରୋକ୍ତ ତିନୋଟି ଦଳ ନିଜ ନିଜ ବ୍ୟବସ୍ଥାରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଭାବଶାଳୀ ଓ ଓଜନଦାର ଆଞ୍ଚଳିକ ଦଳ ଭାବେ ପରିଚିତ ବିଜେଡ଼ି ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିବାକୁ ଯାଉଛି । ବିଜେଡ଼ି ଓଡ଼ିଶାରେ ତାର ଦଳୀୟ ସ୍ଥିତିକୁ ଯେଉଁପରି ପ୍ରଭାବଶାଳୀ ଓ ଲୋକପ୍ରିୟତାରେ ରଖିଛି ଏହାର ସୁଫଳ ନେବାକୁ ଦଳ ୱାର୍ଡ଼ ସ୍ତରରୁ ଏହି ପଦ ଯାତ୍ରା ଆୟୋଜନ କରୁଛି । ଅକ୍ଟୋବର ୨ରୁ ଅକ୍ଟୋବର ୧୧ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡ଼ିର ତୃଣମୂଳ ସ୍ତରରୁ ଛାମୁଆ ସଂଗଠନ, ବିଧାୟକ ଠାରୁ ସାଂସଦ ସବୁ ନେତା ପୂର୍ଣ୍ଣ ସଫଳ କରିବା ପାଇଁ ଏହି ପଦଯାତ୍ରାରେ ସାମିଲ ହେବେ । କେବଳ ପଦଯାତ୍ରା ନୁହେଁ ଦଳ ସଭ୍ୟ ସଂଗ୍ରହ ମଧ୍ୟ ଜୋରଦାର ଭାବେ କରୁଛି । ଦଳ ଗାନ୍ଧୀ ଜୟନ୍ତୀ, ଗୋପବନ୍ଧୁ ଜୟନ୍ତୀ, ଜୟପ୍ରକାଶ ଜୟନ୍ତୀ ମଧ୍ୟ ଏହି ଅବସରରେ ପାଳନ କରିବ । ଦଳ ସମସ୍ତ ଗାଁ ଓ ସହର ଏପରିକି ତମାମ ୱାର୍ଡ଼ ଯେପରି ଏ ପଦଯାତ୍ରା ଭିତରେ ସାମିଲ ହେବ ଏଥିପ୍ରତି ବ୍ୟାପକ ପ୍ରସ୍ତୁତି କରିସାରିଛି । ରାଜ୍ୟ ସରକାରଙ୍କ ନୂଆ ଅଭିଯାନ ୫ଟି ଓ ମୋ ସରକାର ସମ୍ପର୍କରେ ଲୋକଙ୍କୁ ଜଣାଇବା । ସେହିଭଳି ବର୍ତ୍ତମାନ ରାଜନୈତିକ ପରିସ୍ଥିତିରେ ଦଳ ଆଗରେ ପୌର ନିର୍ବାଚନ ଥିବାରୁ ଦଳ ଏହି ଜନସମ୍ପର୍କ ପଦଯାତ୍ରାରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ପଦଯାତ୍ରାରେ ଗାନ୍ଧୀଙ୍କ ବାଣୀ ମଧ୍ୟ ପ୍ରଚାର କରାଯିବା ସହ ବିଜେପୁର ଉପନିର୍ବାଚନ ପାଇଁ ଦଳ ଏହାର ଫାଇଦା ଉଠାଇବାର ସମ୍ଭାବନା ରହିଛି । ଚଳିତ ପାଳିର ନବୀନ ସରକାରଙ୍କ ଅନେକ ଲୋକପ୍ରିୟ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଏହି ମାଧ୍ୟମରେ ଜଣାଇବାର ସୁଯୋଗ ପାଇବ ବିଜେଡ଼ି ।

ତେବେ ପଦଯାତ୍ରା କାର୍ଯ୍ୟକ୍ରମରେ ବିଜେପି ମଧ୍ୟ ପଛରେ ନାହିଁ । ଗାନ୍ଧୀ ଜୟନ୍ତୀରୁ ବିଜେପି ସମଗ୍ର ଦେଶରେ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ କରିବାକୁ ଯାଉଛି । କେନ୍ଦ୍ରର ମୋଦି-ଶାହା ଯୋଡ଼ି ତାଙ୍କ ସ୍ୱତନ୍ତ୍ର ରାଜନୈତିକ ରଣନୀତିରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ବ୍ୟାପକ ଯୋଜନା ହାତକୁ ନେଇଛନ୍ତି । ଓଡ଼ିଶା ବିଜେପି ମଧ୍ୟ ଏ କ୍ଷେତ୍ରରେ ପଛରେ ନାହିଁ । ରାଜ୍ୟରେ ସମସ୍ତ ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ଏହି ପଦଯାତ୍ରା ୧୫ ଦିନ ପାଇଁ ଚାଲିବ । ଏହି ପଦଯାତ୍ରା ଅବସରରେ ବିଜେପି ଗାନ୍ଧୀଙ୍କ ସ୍ୱରାଜର ବାର୍ତ୍ତା, ସ୍ୱଚ୍ଛତା, ଗାନ୍ଧୀୟଙ୍କ ସ୍ୱଦେଶୀ ପ୍ରୀତି, ସାଧାରଣ ଓ ସରଳ ଜୀବନଯାପନ, ନିଶା ନିବାରଣ, ଜଳସଂରକ୍ଷଣ, ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ ଓ ସଚେତନ କରିବ । ବିଜେପି ଏକ ବ୍ୟବସ୍ଥିତ ଢଙ୍ଗରେ ସାତଟି ସାମାଜିକ ପାପ ଯଥା ପରିଶ୍ରମ ବିହୀନ ଧନ ଉପାର୍ଜନ, ବିବେକ ବିହୀନ ସୁଖପ୍ରାପ୍ତି, ସିଦ୍ଧାନ୍ତ ବିହୀନ ରାଜନୀତି, ଚରିତ୍ର ବିହୀନ ଜ୍ଞାନ, ସଦାଚାର ବିହୀନ ବ୍ୟବସାୟ, ସମ୍ବେଦନା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନାକୁ ଗୁରୁତ୍ୱ ଦେଇ ରାଜ୍ୟବାସୀଙ୍କ ପାଖରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବୁଝାଇବ । ଓଡ଼ିଶା ବିଜେପିର ପୋଷ୍ଟର ବୟ ତଥା ମୋଦି-ଶାହାଙ୍କ ଖାସ ଅନୁଗତ ବିଶ୍ୱସ୍ତ ତଥା କେନ୍ଦ୍ରର ପ୍ରଭାବଶାଳୀ ଓଡ଼ିଆ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାନ୍ଧୀ ଜୟନ୍ତୀ ଦିନ କଟକ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତି ପୀଠରୁ ଏହି ପଦଯାତ୍ରା ଆରମ୍ଭ କରିବେ । ଧର୍ମେନ୍ଦ୍ର ବାବୁ ସାଧାରଣ ଜନତାଙ୍କୁ କେନ୍ଦ୍ର ମୋଦି ସରକାରଙ୍କ ଲୋକପ୍ରିୟ ଯୋଜନା ଏହାର ସୁଫଳ ଓ ଦେଶକୁ ଭଲ ପାଇବାର ମହାମନ୍ତ୍ର ପ୍ରଦାନ କରିବେ ।

ଓଡ଼ିଶାରେ ଚିତ୍‌ପଟାଙ୍ଗ ମାରିଥିବା କଂଗ୍ରେସ ଦଳ ମଧ୍ୟ ଗାନ୍ଧୀ ଜୟନ୍ତୀକୁ ନିଜ ଦଳର କିଛି କାର୍ଯ୍ୟକ୍ରମ ଭିତରେ ରାଜ୍ୟବାସୀଙ୍କୁ ଜଣେଇବା ସହ ନିଜ ଅସ୍ତିତ୍ୱ ସମ୍ପର୍କରେ ସୂଚୀତ କରିବ । କେନ୍ଦ୍ରର ମୋଦି-ଶାହା ଯୋଡ଼ି ହୁଅନ୍ତୁ ବା ଓଡ଼ିଶାର ନବୀନ ବାବୁଙ୍କ ଠାରୁ ରାଜନୈତିକ ଲଢ଼େଇ କରି ପୁରାପୁରି ମଇଦାନରୁ ପଛକୁ ହଟିଯାଇଥିବା ଏହି ଦଳ ଆଗରେ ପୌର ନିର୍ବାଚନ ଓ ବିଜେପୁର ଉପନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି । ଓଡ଼ିଶା କଂଗ୍ରେସ ବିଜେଡ଼ି ଓ ବିଜେପିର ଜନସମ୍ପର୍କ ଯାତ୍ରା ଭିତରୁ ନିଜେ ମଧ୍ୟ କିଛି ରାଜନୈତିକ ମାଇଲେଜ ନେବାକୁ ଚାହୁଁଛି । ଦଳ ପକ୍ଷରୁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ହେବା ସହ ଜିଲ୍ଲା ଓ ବ୍ଲକସ୍ତରରେ ଦଳ ପକ୍ଷରୁ ଏହି ପଦଯାତ୍ରା ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ରାଜ୍ୟର ଯେଉଁସବୁ ଅଞ୍ଚଳକୁ ଗାନ୍ଧିଜୀ ଆଗମନ କରିଥିଲେ ସେହି ଅଞ୍ଚଳରେ ସ୍ଥାନୀୟ କର୍ମୀ ମାନଙ୍କୁ ନେଇ କଂଗ୍ରେସ ସଂକଳ୍ପ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ମୁଣ୍ଡ ଉପରେ ବିଜେପୁର ଉପନିର୍ବାଚନ ସହ ପୌର ନିର୍ବାଚନ ରହୁଥିବାରୁ ଏହାକୁ କୌଣସି ରାଜନୈତିକ ଦଳ ଏହି ଦିନକୁ ଛାଡ଼ିବା ପାଇଁ ଚାହୁଁନାହାନ୍ତି । ତେବେ ଏହି ଗାନ୍ଧୀ ଜୟନ୍ତୀରୁ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଭିତରେ କେଉଁ ଦଳ କେତେ ଫାଇଦାରେ ରହିଲେ ତାର ଉତ୍ତର ଭବିଷ୍ୟତ ହିଁ କହିବ ।

**ବାଦଲ ଭୂୟାଁ, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨**

# ମା'ଙ୍କ ଆଗମନ ପାଇଁ ସଜେଇ ହେଲାଣି କାଶତଣ୍ଡୀ



ବାସୁଦେବପୁର (ପିଏନ୍) - ଶୁଭ୍ର ଶରତର ଜ୍ୟୋତ୍ସ୍ନାକୁ ଭେଦ କରି ପବନର ସ୍ପର୍ଶରେ ଦୋଳି ଖେଳିଖେଳି ଚହକି ଉଠୁଛି କାଶତଣ୍ଡୀ ଫୁଲ । ରାସ୍ତାର ଉଭୟ ପାର୍ଶ୍ୱରେ ପଥିକଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ତଙ୍କୁ ଏକ ଅଫୁରନ୍ତ ବର୍ଣ୍ଣବିଭାରେ ବିମୋହିତ କରୁଛି ଏଇ କାଶତଣ୍ଡୀ । ସୁନେଲି ସକାଳର ଆଦ୍ୟ କିରଣରେ ହସୁଛି ଧବଳରାଣୀ କାଶତଣ୍ଡୀ । ଆକାଶର କଳା ବାଦଲକୁ ହଟେଇ ଭସା ବାଦଲର ମେଳରେ । ପବନର ଛୁଆଁରେ ଝିଲି ଝିଲି ହସି ଆସେ ଶରତ । ଗଙ୍ଗଶିଉଳିର ସ୍ନିଗ୍ଧ ସୁବାସ ଆଉ ଧବଳ କାଶତଣ୍ଡୀର ଶୁଭ୍ର ସମାରୋହ ସତରେ ଏକ ସ୍ୱର୍ଣ୍ଣିମ ଦୃଶ୍ୟ । ଏଇ କାଶତଣ୍ଡୀର ଝଲକ ଟିକେ ପାଇଁ ପଥିକ ହେଉ କି କବି ଅବା ଭାବୁକ କାହିଁ କେତେ ଦିନରୁ ଅପେକ୍ଷା କରି ବସିଥାଏ । ନିଜ କଲମ ମୁନକୁ କାଶତଣ୍ଡୀର ଶବ୍ଦରେ ଆଉ ଟିକେ ତୀକ୍ଷ୍ଣ କରିବାକୁ ଲେଖକ ବ୍ୟସ୍ତ ହେଉଥିବା ବେଳେ ଚିତ୍ରଶିଳ୍ପୀଟିଏ ମଧ୍ୟ ନିଜ ତୂଳୀକୁ ସାଥ କରି ଦୁନିଆକୁ ରଙ୍ଗୀନ କରିବା ନିଶାରେ ମାତିଉଠେ । ଏହାର ଆକର୍ଷଣରେ ଆକର୍ଷିତ ହୋଇ ପଥିକଟିଏ ମଧ୍ୟ ବେଶ କେଇ କ୍ଷଣ ଅଟକିଯାଏ ରାସ୍ତା କଡ଼ରେ । ଅନୁଭବ କରିବସେ ଏଇ ମାଦକତାର ମୁହୂର୍ତ୍ତକୁ । ସତରେ ଏ କାଶତଣ୍ଡୀ ନିରାଶ ମନରେ ଆଶାସଂଚାରର ଚାବିକାଠି । ଏହା ଭିତରେ କି ଯାଦୁଗରୀ ଅଛି କେଜାଣି ଏହା ସମସ୍ତଙ୍କୁ ନିଜ କଳେବର ଭିତରେ ଆବଦ୍ଧ କରିଦିଏ । ନବବିବାହିତା ପରି କେତେବେଳେ ନିଜକୁ ଲାଜର ପରଶରେ ଭିଜେଇଦିଏ ତ ଆଉ କେତେବେଳେ ବେଶ ଖୁସିରେ ମୁଣ୍ଡ ଉଠାଇ ଖିଲିଖିଲି ହସିଦିଏ । ନୀଳ ଗଗନର ବୁକୁ ମଧ୍ୟରେ ଯେବେ ପବନର ସ୍ପର୍ଶ ମିଶିଯାଏ ସେତେବେଳେ ମନ ଆନନ୍ଦରେ କାଶତଣ୍ଡୀ ଦୋଳି ଖେଳିବସେ । ଝୁଲି ଝୁଲି ପଥଚାରୀଙ୍କ ମନକୁ ଆନ୍ଦୋଳିତ କରିଦିଏ । କବିର କବିତା, ଭାବୁକର ଭାବନା, ଆଉ ଲେଖକର ଲେଖନୀ ସାଜିଯାଏ ଏଇ କାଶତଣ୍ଡୀ । ପାର୍ବଣ ଆସିଲେ ମହକି ଉଠେ କାଶତଣ୍ଡୀ । ଏହାରି ଭିତରେ ଦେବୀ ମାଙ୍କୁ ସ୍ୱାଗତ କରିବା ଲାଗି ସତେ ଯେପରି କାଶତଣ୍ଡୀ ଅନେଇବସିଛି, ସେମିତି ଦୃଶ୍ୟମାନ ହୁଏ । ମା'ଙ୍କ ଆଗମନ ପାଇଁ ଶରତର ସାଥିରେ କାଶତଣ୍ଡୀ ବି ସଜେଇ ହେଲା ପରି ଲାଗେ । ପ୍ରକୃତିର ନିତ୍ୟନୀୟତା ସ୍ୱାଗତିକା ସହ ଜନଚିତ୍ତରେ ମାଦକତା ଭରି ଏକ ନବୀନ ଆହ୍ୱାନ ସାଥିରେ ମର୍ତ୍ତ୍ୟାବତରଣ କରନ୍ତି ଜଗତଜନନୀ, ଦୁର୍ଗତିନାଶିନୀ, ସଙ୍କଟତାରିଣୀ, କଲ୍ୟାଣମୟୀ ମା' ଦୁର୍ଗା । ପ୍ରକୃତି କରେ ନିରାଜନା ଆଉ ଜନମାନସ କରେ ପାର୍ବଣର ପସରା । ଏଇ କାଶତଣ୍ଡୀର ମହକରେ ମହକିତ ହୋଇ ମାନବସମାଜ କରେ ଦେବୀ ମା'ଙ୍କ ଆରାଧନା । ସତରେ ଏଇ କାଶତଣ୍ଡୀ ସହ ମା'ଙ୍କର ସମ୍ପର୍କ ବେଶ ନିଆରା ।

## ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମରେ ୫ଟି ଓ ନିଗମର ଉନ୍ନୟନ କାର୍ଯ୍ୟକ୍ରମ ଉପରେ ବୈଠକ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପଣ୍ୟାଗାର ନିଗମର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନୁପ କୁମାର ସାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଚଳିତ ୫ଟି ଉପରେ ଅଧ୍ୟକ୍ଷ ମହୋଦୟ ପୁଙ୍ଖାନୁପୁଙ୍ଖ ଭାବରେ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଏହାକୁ ନିଗମରେ କାର୍ଯ୍ୟକାରୀ କରି ଆଗାମୀ ଭବିଷ୍ୟତରେ ନିଗମର କିପରି ଉନ୍ନତି ହେବ, ସେ ବିଷୟରେ ସୂଚନା ଦେଇଥିଲେ । ତତ୍‌ସହିତ କର୍ମଚାରୀ ସଂଘ ତରଫରୁ ଉପସ୍ଥାପିତ ହୋଇଥିବା କର୍ମଚାରୀମାନଙ୍କର ଅସୁବିଧାକୁ ଆଗାମୀ ଦିନରେ କିପରି ସମାଧାନ ହୋଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ । ଆଗାମୀ ଦଶହରା ପୂଜା ପାଇଁ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଅଧ୍ୟକ୍ଷ ମହୋଦୟ ଘୋଷଣା କରିଥିଲେ । ଏଥିପାଇଁ ନିଗମ କର୍ମଚାରୀ ସଂଘ ତରଫରୁ ଅଧ୍ୟକ୍ଷ ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ବୈଠକରେ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଗରଦିଆଙ୍କ ସହିତ ନିଗମର ଅନ୍ୟାନ୍ୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ଏବଂ କର୍ମଚାରୀ ସଂଘର ସଭାପତି ଶ୍ରୀଯୁକ୍ତ ଲଳିନୀ ରଞ୍ଜନ ପତି, ସାଧାରଣ ସମ୍ପାଦକ ସୁଦର୍ଶନ ଖଟୁଆ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ପରିଡ଼ା, ସହ ସମ୍ପାଦକ ସର୍ବେଶ୍ୱର ରାଉତରାୟ, କୋଷାଧ୍ୟକ୍ଷ ଜ୍ୟୋତ୍ସ୍ନାମୟୀ ନାୟକ, କର୍ମଚାରୀ ସଂଗ୍ରାମ ସମିତିର ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ରାଉତରାୟ ଓ ନିଗମ ମହାସଂଘର ସଭାପତି ନଟବର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଧ୍ରୁବଚରଣ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମହାନଦୀର କାବେରୀ ଅବସ୍ଥା ନହେଉ

ଭୁବନେଶ୍ୱର (ପିଏନ୍): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମହାନଦୀ 'ଜଳ ବିବାଦର ସମାଧାନ କ୍ଷେତ୍ରରେ ବିକଳ୍ପ ରାସ୍ତା' ଉପରେ ଏକ କର୍ମଶାଳା ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି । ପୁନେସ୍ଥିତ ୱାଟର କନ୍‌ଫ୍ଲିକ୍ଟ ଫୋରମ ପକ୍ଷରୁ ପ୍ରସ୍ତୁତ 'ମହାନଦୀ ଜଳ ବିବାଦ ସମାଧାନର ବିକଳ୍ପ ଦିଗ' ସମ୍ପର୍କିତ ଏକ ଚିଠା ପ୍ରସ୍ତାବକୁ ଏହି ଆଲୋଚନା ସଭାରେ ଉପସ୍ଥାପିତ କରାଯାଥିଲା । ଫୋରମ ପକ୍ଷରୁ ବିଶିଷ୍ଟ ନଦୀ ଗବେଷକ ଡ. ଟି.କେ. ଜୟ ଏହି ଚିଠା ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଫର୍ ୱାଟର କଲଚରର ନିର୍ଦ୍ଦେଶକ ଡ. ଡ଼େଭିଡ଼ ଗ୍ରୋନଫିଟ୍, ଡ. ଆବ୍ରାହମ ସାମୁଏଲ୍, ଡ. ନେହା ଭଡ଼ଭଡ଼େ ପ୍ରମୁଖ ଏହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ବିନାୟକ ରଥ, ପୂର୍ବତନ ଜଳ ସମ୍ପଦ ବିଭାଗର ମୁଖ୍ୟ ଇଞ୍ଜିନିୟର ରମେଶ ଚନ୍ଦ୍ର ତ୍ରିପାଠୀ, ବିଶିଷ୍ଟ ସାମ୍ବାଦିକ ରବି ଦାସ, ତପନ ପାଢ଼ୀ, ବିଜୟ ପ୍ରଧାନ, ନିରଦ ଖୁଣ୍ଟିଆ, ପ୍ରସନ୍ନ ବିଶୋୟୀ, ନିରାକାର ବେଉରିଆ, ଡ. ଶିଶିରକାନ୍ତ ବେହେରା, ବିଜୟ ମଲ୍ଲ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରି ଟ୍ରିବୁନାଲର ପରିଧି ବାହାରେ ମହାନଦୀ ଜଳ ବିବାଦର ସମାଧାନ କ୍ଷେତ୍ରରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ମହାନଦୀ ଟ୍ରିବୁନାଲର ନବମ ବୈଠକ ଏବଂ ଶୁଣାଣି ହୋଇଥିଲା । ଏଥିରେ ଉଭୟ ରାଜ୍ୟ ତରଫରୁ ବିଶେଷଜ୍ଞ ଦଳ ପରସ୍ପର ରାଜ୍ୟକୁ ଗସ୍ତକରି ରିପୋର୍ଟ ପ୍ରଦାନ କରିବା ପାଇଁ ଆଦେଶ ବ୍ୟତୀତ ଅନ୍ୟ କିଛି ବିଷୟରେ ଶୁଣାଣି ହୋଇନଥିଲା । ଏହି ବୈଠକରେ ସେହି ବିଷୟରେ ଆଲୋଚନା ମଧ୍ୟ ହୋଇଥିଲା । ଟ୍ରିବୁନାଲର କଚ୍ଛପ ଗତି ସମସ୍ତଙ୍କୁ ମର୍ମାହତ କରିଥିବା ବେଳେ, ଓଡ଼ିଶାର ମୂଳ ଆବେଦନ ଉପରେ କୌଣସି ଅଗ୍ରଗତି ନହେବା ଆହୁରି ଦୁଃଖଦାୟକ । ଛତିଶଗଡ଼ ମହାନଦୀ ଉପରେ ନିର୍ମାଣ କରିଥିବା ବେଆଇନ୍ ପ୍ରକଳ୍ପ ଗୁଡ଼ିକୁ ସ୍ଥଗିତ ରଖିବାର ଆବେଦନକୁ ଟ୍ରିବୁନାଲ ଏତେ ପର୍ଯ୍ୟନ୍ତ ବିଚାରକୁ ନନେବା ଦୁଃଖର ବିଷୟ । ଏହି ଆଲୋଚନା ସଭାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଅବାହକ ଶ୍ରୀ ସୁଦର୍ଶନ ଦାସ ପରିଚାଳନା କରିଥିଲେ ।

# ମହାତ୍ମା ଗାନ୍ଧୀଙ୍କ ଜୀବନ ଦର୍ଶନ ଅନୁସରଣ କରନ୍ତୁ



ସନାତନ କାଳରୁ ପ୍ରଚଳିତ ଭାରତର ଇତିହାସ ଗାଥାର ଏକ ପର୍ବ ଭାରତର ଆଧୁନିକ ଇତିହାସ ତଥା ସ୍ୱାଧୀନ ଭାରତର ଉତ୍‌ଥାନର କାହାଣୀରେ ଯେଉଁ ବିଭୂତିମାନଙ୍କ ନାମ ସଦାସର୍ବଦା ପାଇଁ ଅଙ୍କିତ ହୋଇ ରହିଛି,ସେଥିରେ ପୂଜ୍ୟ ମହାତ୍ମାଗାନ୍ଧୀଙ୍କ ନାମ ପ୍ରମୁଖ ଅଟେ । ଭାରତ ହେଉଛି ଏକ ଆଧ୍ୟାତ୍ମିକ ଦେଶ ଏବଂ ଆଧ୍ୟାତ୍ମିକତାର ଆଧାରରେ ହିଁ ଏହାର ଉତ୍‌ଥାନ ସମ୍ଭବ । ଏହାକୁ ଆଧାର କରି ଭାରତୀୟ ରାଜନୀତିର ଆଧ୍ୟାତ୍ମିକ ମୂଳଦୁଆ ସ୍ଥାପନ କରିବାର ଚେଷ୍ଟା ମହାତ୍ମା ଗାନ୍ଧୀ କରିଥିଲେ ।

ଗାନ୍ଧିଜୀଙ୍କ ଚେଷ୍ଟା କେବଳ କ୍ଷମତା ପ୍ରାପ୍ତିର ରାଜନୀତି ଯାଏଁ ସୀମିତ ନଥିଲା । ସମାଜ ତଥା ଏହାର ନେତୃବର୍ଗଙ୍କ ନିମନ୍ତେ ସାତ୍ତ୍ୱିକ ଆଚରଣ କରିବା ଉପରେ ଗାନ୍ଧିଜୀ ପ୍ରାଧାନ୍ୟ ଦେଇଥିଲେ । ମହତ୍ତ୍ୱାକାଂକ୍ଷା ତଥା ସ୍ୱାର୍ଥ ପ୍ରେରିତ ଅହଂକାର ଏବଂ ବିକାରକୁ ଆଧାର କରି ଚାଲିଥିବା ବିଶ୍ୱର ରାଜନୀତିକୁ ସେ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ । ତାଙ୍କର ସ୍ୱପ୍ନ ଥିଲା -ଭାରତୀୟ ଜନଜୀବନ, ସତ୍ୟ, ଅହିଂସା, ସ୍ୱାବଲମ୍ବନ ଓ ମାନବକଲ୍ୟାଣର ପ୍ରକୃତ ସ୍ୱାଧୀନତା ଉପରେ ଆଧାରିତ ହେଉ; ଦେଶ ଓ ମାନବିକତା ନିମନ୍ତେ ଉତ୍ସର୍ଗୀକୃତ ହେଉ । ଗାନ୍ଧିଜୀଙ୍କ ଏହି ଚିନ୍ତାଧାରା ତାଙ୍କ ନିଜ ଜୀବନରେ ସଂପୂର୍ଣ୍ଣ ରୂପେ ସାକାର ହୋଇଥିଲା ।

୧୯୨୨ ମସିହାରେ ଗାନ୍ଧିଜୀ ଗିରଫ ହେବାପରେ ନାଗପୁର ନଗର କଂଗ୍ରେସ ଦ୍ୱାରା ଏକ ଜନସଭା ଆୟୋଜିତ ହୋଇଥିଲା । ଏଥିରେ ବକ୍ତା ଭାବରେ ଡକ୍ଟର ହେଡଗେୱାର ଗାନ୍ଧିଜୀଙ୍କୁ 'ପୁଣ୍ୟ ପୁରୁଷ' ଭାବେ ସମ୍ବୋଧନ କରି କହିଥିଲେ ଯେ, ଗାନ୍ଧିଜୀଙ୍କ କଥା ଓ କାମରେ କୌଣସି ପାର୍ଥକ୍ୟ ନାହିଁ । ଗାନ୍ଧିଜୀ ନିଜ ଧୈର୍ଯ୍ୟ ଓ ବିଚାର ନିମନ୍ତେ ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲେ । ସେ କହିଥିଲେ ଯେ, କେବଳ ଗାନ୍ଧିଜୀଙ୍କ ଗୁଣଗାନ କଲେ ଗାନ୍ଧିଜୀଙ୍କ କାର୍ଯ୍ୟ ଆଗକୁ ବଢି ପାରିବ ନାହିଁ । ଗାନ୍ଧିଜୀଙ୍କ ଏହିସବୁ ଗୁଣ ଆମ ଜୀବନରେ ଆମେ ଅନୁସରଣ କଲେ ଯାଇ ଗାନ୍ଧିଜୀଙ୍କ କାର୍ଯ୍ୟ ଆଗକୁ ବୃଦ୍ଧି ପାଇବ ।

ଗାନ୍ଧିଜୀ ଭଲ ଭାବରେ ଜାଣିଥିଲେ ପରାଧୀନତା କାରଣରୁ ଜାତ ପରାଧୀନ ମାନସିକତା ଅତ୍ୟନ୍ତ କ୍ଷତିକାରକ । ଏହାର ଉଦାହରଣ ଦେଇ 'ହିନ୍ଦ ସ୍ୱରାଜ' ରେ ସେ ଲେଖିଛନ୍ତି ଯେ, ଏହି ମାନସିକତାରୁ ମୁକ୍ତି ପାଇବା ପାଇଁ ଶୁଦ୍ଧ, ସ୍ୱଦେଶୀ ଦୃଷ୍ଟି ସମ୍ପନ୍ନ ଭାରତର ବିକାଶ ତଥା ଆଚରଣ ଆବଶ୍ୟକ । ସେ ସମୟରେ ସଂସାରକୁ ଚକିତ କରୁଥିବା ଭୌତିକତାବାଦୀ ପାଶ୍ଚାତ୍ୟ ଜୀବନ ପଦ୍ଧତି କ୍ଷମତାବଳରେ ଶିକ୍ଷାକୁ ବିକୃତ କରି ଏବଂ ସମସ୍ତଙ୍କୁ ଆର୍ଥିକ ଦୃଷ୍ଟିରୁ ନିର୍ଭରଶୀଳ କରିବାର ଚେଷ୍ଟାରେ ଆଗେଇ ଚାଲୁଥିଲା । ଏପରି ସମୟରେ ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରଚେଷ୍ଟା ନିଜସ୍ୱ ଜୀବନର ଆଧାରରେ ସମସ୍ତ ଅଙ୍ଗକୁ ନୂତନ ବିଚାର ଦେବାର ଏକ ସଫଳ ପ୍ରୟୋଗ ଥିଲା । ହେଲେ ପରାଧୀନତାର ମାନସିକତାରେ ଗ୍ରସ୍ତ ଲୋକେ କିଛି ନବୁଝି ନବିଚାରି ପାଶ୍ଚାତ୍ୟ ବିଚାରକୁ ପ୍ରାମାଣିକତାର ସହ ସ୍ୱୀକାର କରି ନେଇ ନିଜର ପୂର୍ବ ପୁରୁଷ, ପୂର୍ବ ଗୌରବ ଏବଂ ପୂର୍ବ ସଂସ୍କାରକୁ ହୀନ ତଥା ହେୟ ମନେ କରି ଅନ୍ଧାନୁକରଣ ଏବଂ ଚାଟୁକାରିତାରେ ମଜ୍ଜି ଯାଇଥିଲେ । ଏହାର ସୁଦୁର ବିସ୍ତାରୀ ପ୍ରଭାବ ଆଜି ମଧ୍ୟ ଭାରତୀୟ ଚାଲି ଚଳଣ ଉପରେ ସ୍ପଷ୍ଟ ଦେଖାଯାଇଛି ।

ଅନ୍ୟ ଦେଶମାନଙ୍କର ସମକାଳୀନ ମହାପୁରଷମାନେ ମଧ୍ୟ ଗାନ୍ଧିଜୀଙ୍କ ଭାରତକୈନ୍ଦ୍ରିକ ଚିନ୍ତାଧାରାକୁ କିଛି ଅଂଶରେ ଗ୍ରହଣ କରି ନିଜ ନିଜ ଦେଶର ବିଚାର ସଂପର୍କିତ ଜ୍ଞାନ ବୃଦ୍ଧି କରିଛନ୍ତି । ମହାନ ବୈଜ୍ଞାନିକ ଆଇନ୍‌ଷ୍ଟାଇନ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁପରେ କହିଥିଲେ ଯେ, ଆଗାମୀ ପୀଢି ପାଇଁ ହୁଏତ ଏହା ବିଶ୍ୱାସ କରିବା ମଧ୍ୟ କଠିନ ହୋଇପାରେ ଯେ, ଗାନ୍ଧିଜୀଙ୍କ ଭଳି ଜଣେ ବ୍ୟକ୍ତି ଏହି ଭୂମିରେ ଜୀବନ ଧାରଣକରି ଚାଲି ଯାଇଛନ୍ତି । ଗାନ୍ଧିଜୀ ତାଙ୍କର ନିଜସ୍ୱ ଜୀବନଶୈଳୀ ଏବଂ ପବିତ୍ର ଆଚରଣ ଦ୍ୱାରା ଆମ ସମ୍ମୁଖରେ ଏହିଭଳି ଉଦାହରଣମାନ ପ୍ରସ୍ତୁତ କରି ଯାଇଛନ୍ତି ।

ଗାନ୍ଧିଜୀ ୧୯୩୬ ମସିହାରେ ୱାର୍ଦ୍ଧା ନିକଟରେ ଚାଲିଥିବା ସଂଘ ଶିବରକୁ ଆସିଥିଲେ । ତା ପରଦିନ ଡକ୍ଟର ହେଡଗେୱାର ଗାନ୍ଧିଜୀଙ୍କୁ ତାଙ୍କ ରହିବା ସ୍ଥାନରେ ସାକ୍ଷାତ କରିଥିଲେ । ଗାନ୍ଧିଜୀଙ୍କ ସହିତ ତାଙ୍କ ସୁଦୀର୍ଘ ଚର୍ଚ୍ଚା ଏବଂ ପ୍ରଶ୍ନୋତ୍ତର ବର୍ତ୍ତମାନ ପ୍ରକାଶିତ ହୋଇ ସାରିଛି । ବିଭାଜନର ରକ୍ତ ରଂଜିତ ସମୟ କାଳରେ ଦିଲ୍ଲୀରେ ତାଙ୍କ ନିବାସ ସ୍ଥାନ ନିକଟରେ ଚାଲୁଥିବା ଶାଖାକୁ ମଧ୍ୟ ଗାନ୍ଧିଜୀ ଯାଇଥିଲେ । ସଂଘ ଶାଖାରେ ଉପସ୍ଥିତ ରହି ସେ ଯେଉଁ ମାର୍ଗଦର୍ଶନ ଦେଇଥିଲେ, ତାହା ୨୭ ଜୁନ ୧୯୪୭ର 'ହରିଜନ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସଂଘର ସ୍ୱୟଂସେବକମାନଙ୍କ ଅନୁଶାସନ ଏବଂ ସେମାନଙ୍କ ଠାର ଜାତିପ୍ରଥା ଜନିତ ଭେଦଭାବର ସଂପୂର୍ଣ୍ଣ ଅଭାବ ଦେଖି ଗାନ୍ଧିଜୀ ପ୍ରସନ୍ନତା ବ୍ୟକ୍ତ କରିଥିଲେ । ସ୍ୱ ଆଧାରିତ ଭାରତର ପୁନର୍ଗଠନର ସ୍ୱପ୍ନ ଦେଖୁଥବା ଏବଂ ସାମାଜିକ ସମତା ଓ ସମରସତାକୁ ସଂପୂର୍ଣ୍ଣ ସମର୍ଥନ ଭିତ୍ତିରେ ନିଜ କାମ ଦ୍ୱାରା ତଥା ଆଚରଣ ଦ୍ୱାରା ଉଦାହରଣ ପ୍ରସ୍ତୁତ କରିଥିବା ଗାନ୍ଧିଜୀ ସମସ୍ତଙ୍କ ନିମନ୍ତେ ଆଦର୍ଶ ପୁରଷ ଅଟନ୍ତି । ଆମେ ସମସ୍ତେ ପୂଜ୍ୟ ଗାନ୍ଧିଜୀଙ୍କୁ ଭଲଭାବେ ବୁଝିବା ଏବଂ ତାଙ୍କ ମତକୁ ନିଜ ବ୍ୟବହାରରେ ପାଳନ କରିବା ଆବଶ୍ୟକ । ତାଙ୍କର ଏହିସବୁ ସଦଗୁଣ ସକାଶେ ଗାନ୍ଧିଜୀଙ୍କ ବିଚାର ସହ ସାମାନ୍ୟ ମତଭେଦ ଥିବା ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତ୍ୟେକ ପଭାତ ଶାଖାରେ ଏକ ସ୍ତୋତ୍ର ଦ୍ୱାରା ନିଜ ଦେଶର ମହାପୁରୁଷମାନଙ୍କୁ ସ୍ମରଣ କରିବା ପରମ୍ପରା ସଂଘ ସ୍ଥାପିତ ହେବା ଦିନ ଠାରୁ ପ୍ରଚଳିତ ହୋଇ ଆସୁଅଛି । ଏହାକୁ ଏକାତ୍ମତା ସ୍ତୋତ୍ର କୁହାଯାଏ । ୧୯୬୩ ମସିହାରେ ଏହାର ପୂନର୍ରଚନା କରାଯାଇଥିଲା ଏବଂ ଏଥିରେ କିଛି ନୂତନ ନାମ ଯୋଡା ଯାଇଥିଲା, ଯେଉଁଥିରେ ଗାନ୍ଧିଜୀଙ୍କ ନାମ ସାମିଲ କରାଯାଇଥିଲା । ସେତେବେଳକୁ ତାଙ୍କର ଦେହାନ୍ତ ହୋଇ ସାରିଥିଲା । ସଂଘର ସ୍ୱୟଂସେବକମାନେ ପ୍ରତିଦିନ ପ୍ରାତଃକାଳରେ ଏହି ଏକାତ୍ମତା ସ୍ତୋତ୍ର ମାଧ୍ୟମରେ ଗାନ୍ଧିଜୀଙ୍କ ନାମ ଉଚ୍ଚାରଣ କରି ତାଙ୍କର ଉପରୋକ୍ତ ଗୁଣଯୁକ୍ତ ଜୀବନକୁ ସ୍ମରଣ କରିଥାନ୍ତି ।

ଗାନ୍ଧିଜୀଙ୍କ ଜନ୍ମର ୧୫୦ତମ ବର୍ଷରେ ତାଙ୍କୁ ସ୍ମରଣ କରି ଆମେ ସମସ୍ତେ ସଂକଳ୍ପ ନେବା ଯେ, ତାଙ୍କ ଭଳି ପବିତ୍ର ତ୍ୟାଗମୟ ଏବଂ ସ୍ୱଚ୍ଛ ତଥା ସ୍ୱାବଲମ୍ବୀ ଜୀବନ ଦୃଷ୍ଟିର ଅନୁସରଣ କରି ଆମେ ସମସ୍ତେ ଭାରତକୁ ବିଶ୍ୱଗୁରୁ ରୂପେ ସ୍ଥାପିତ କରିବା ନିମନ୍ତେ ନିଜ ନିଜ ଜୀବନକୁ ସମର୍ପଣ ଓ ତ୍ୟାଗର ଭାବରେ ସମୃଦ୍ଧ କରିବା ।

**(ସୌଜନ୍ୟ: ମୋହନ ଭାଗବତ, ସରସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)**

# ଅନ୍ତର୍ନିବେଶୀ ସହରୀ ଗରିବ ଆବାସ ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଜୟଦେବ ଭବନ ସଭାଗୃହରେ ସହଭାଗୀ ବିକାଶ ମଞ୍ଚ (ଏସ୍.ଭି.ଏମ୍) ଦ୍ୱାରା ଅନ୍ତର୍ନିବେଶୀ ସହରୀ ଗରିବ ଆବାସ ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସହଭାଗୀ ବିକାଶ ମଞ୍ଚର ଆବାହକ ସଚ୍ଚିକାନ୍ତ ପ୍ରଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ । ଏହି ସମ୍ମିଳନୀର ଉଦ୍‌ଘାଟନ ସମାରୋହରେ ବିଭିନ୍ନ ରାଜନୈତିକ ପ୍ରତିନିଧି ଯଥା ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ସିପିଆଇ (ଏମ୍) ସୁରେଶ ପାଣିଗ୍ରାହୀ, ବିଜେପିର ମୁଖପାତ୍ର ପୃଥ୍ୱୀରାଜ ହରିଚନ୍ଦନ, ସମାଜ ବିଜ୍ଞାନୀ ଶର୍ମିଳା ପଟ୍ଟନାୟକ ଯୋଗଦେଇ ଅନ୍ତର୍ନିବେଶୀ ସହରୀ ଗରିବ ଆବାସ ସମ୍ପର୍କରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଆଇ.ଆଇ.ଇ.ସି.ର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସ । ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟରେ ତିନୋଟି ବିଷୟ ଉପରେ ଆଲୋଚନା କରାଯାଇଥିଲା । ଓଡ଼ିଶା ବସ୍ତିବାସିନ୍ଦା ଜମି ଅଧିକାର ଆଇନ୍ ୨୦୧୭ରେ ପୌର ନିଗମ ଗୁଡ଼ିକର ଦାୟିତ୍ୱ ତଥା 'ଜାଗା ମିଶନ'ରେ ଜମି ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ପୌର ନିଗମଗୁଡ଼ିକରେ ବସ୍ତିବାସିନ୍ଦାଙ୍କ ପାଇଁ ଜମି ଯୋଗାଇ ଦେବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଏବଂ ଭିତ୍ତିଭୂମିର ନିର୍ମାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଫୋକସ୍ ଓଡ଼ିଶାର ଆବାହକ ସୁଦର୍ଶନ ଛୋଟରାୟ ପରିଚାଳନା କରିଥିଲେ । ବସ୍ତି ଉନ୍ନୟନ ପରିଷଦ ତରଫରୁ ରଞ୍ଜୁଲତା ମହାପାତ୍ର ବକ୍ତବ୍ୟ ରଖିଥିଲେ । ଉଠାଦୋକାନୀମାନଙ୍କୁ ଉପଯୁକ୍ତ ଥଇଥାନ କରିବା, ଜୀବିକା ପାଇଁ ଆର୍ଥିକ ସହାୟତା ପ୍ରଦାନ ଏବଂ ଟାଉନ୍ ଭେଣ୍ଡିଂ କମିଟିକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସମ୍ପର୍କରେ ସହରାଞ୍ଚଳ ବିକାଶ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ଶାରଦା କୁମାର ପଣ୍ଡା, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପୁଷ୍ଟାଳକ ଏବଂ ୟଙ୍ଗ ଇଣ୍ଡିଆର ସଭାପତି ଏନ୍.ଏ. ଶାହା ଅନ୍‌ସାରୀ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ତଥା ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ସଂଘର ଉପଦେଷ୍ଟା ମହେଶ୍ୱର ବଳ । ପରିବେଶ ଉପଯୋଗୀ ବାସଗୃହ ନିର୍ମାଣ ଉପରେ ଓଡ଼ିଶା ଗୃହ ମିଶନର ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ଦଳାଇ ମତବ୍ୟକ୍ତ କରି କହିଲେ ଯେ, ସମସ୍ତ ଗରିବ ଲୋକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ସହରାଞ୍ଚଳ ଆବାସ ମିଶନ ପ୍ରତିଶ୍ରୁତିବଦ୍ଧ ଏବଂ ସାମାଜିକ ଅନୁଷ୍ଠାନ ଓ ଉପଭୋକ୍ତା ସମସ୍ତେ ଏକତ୍ର ବସି ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କଲେ ଆମ୍ଭେ ଧାର୍ଯ୍ୟ ପୂରଣ କରିପାରିବୁ । ଅର୍ବାନ ପ୍ଲାନର ପିୟୁଷ ରଞ୍ଜନ ରାଉତ, ୱାଇଏସ୍‌ଡ଼ିର ସମ୍ପାଦକ ବିଭୂପ୍ରସାଦ ସାହୁ, ନାମେଶ କିଲ୍‌ସମେଟି ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲୋକ ବିକାଶର ମୁଖ୍ୟ ସେଖ୍ ଅବଦୁଲ ସଫିକ୍ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଯନ୍ତ୍ରଣା ପରୀକ୍ଷିତ, ସୁବାସ ପଣ୍ଡା, ଉଷାରାଣୀ ବେହେରା, ଜ୍ୟୋତ୍ସ୍ନା ଦାସ, ମଧୁସ୍ମିତା ବେହେରା, ଜୟନ୍ତୀ ସାହୁ, ଲାବଣ୍ୟରେଖା ରାଉତ, ଧୀରେନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ଯୋଗେନ୍ଦ୍ର ଡ଼ାକୁଆ, ପଞ୍ଚାନନ ନାୟକ, ପ୍ରଶାନ ବେହେରାଙ୍କ ସମେତ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପାର୍ଶ୍ୱ ଉଠାଦୋକାନୀ, ବସ୍ତିବାସିନ୍ଦା ଏବଂ ଘରୋଇ ପରିଚାରିକା ଯୋଗ ଦେଇଥିଲେ । ବସ୍ତିବାସିନ୍ଦାଙ୍କ ତରଫରୁ କୃଷ୍ଣପ୍ରିୟା ସାହୁ ତାଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହଭାଗୀ ବିକାଶ ମଞ୍ଚର ସଭ୍ୟା ବିଜୟଲକ୍ଷ୍ମୀ ମହାପାତ୍ର

## ଯାଜପୁର-କେଉଁଝରରୋଡ ଷ୍ଟେସନରେ ଭୁଷୁଡ଼ିଲା ହୋର୍ଡିଂ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ବ୍ୟାସନଗର (ପିଏନ୍): ଯାଜପୁର-କେଉଁଝରରୋଡ ରେଳ ଷ୍ଟେସନରେ ଗତ ୩୦ ତାରିଖ ସନ୍ଧ୍ୟାରେ ଏକ ଅଘଟଣ ଘଟିଛି । ଷ୍ଟେସନର ମୁଖ୍ୟ ଦ୍ୱାର ଦେଇ ଷ୍ଟେସନ ମଧକୁ ଥିବା ପ୍ରବେଶ ପଥ ନିକଟରେ ଉପରେ ଲଗାଯାଇଥିବା ଏକ ହୋଡିଂ ବୋର୍ଡ ଅଚାନକ ଖସି ପଡ଼ିଥିଲା । ସେତେବେଳେ ସେହି ବାଟ ଦେଇ ଲୋକ ଚଳାଚଳ ବି ଲାଗି ରହିଥିଲା । ସୌଭାଗ୍ୟବଶତଃ ତା' ତଳେ ଥିବା କେତେକ ମହିଳା ବୋର୍ଡ ଖସୁଥିବାର ଲକ୍ଷ୍ୟ କରି ଦୌଡାଦୌଡି ହୋଇ ସେଠାରୁ ପଳାଇଯାଇଥିଲେ । କେହି ଏଥିରେ ଆହତ ହୋଇନାହାନ୍ତି । ରେଳବାଇ ଏଠାରେ ତା'ର ମନମାନି ଓ ବେପରୁଆ ମନୋଭାବ ଛାଡି ଗୁରୁତ୍ୱର ସହ ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବା ଉପରେ ସାମାଜିକ କର୍ମୀ ଦୁଷ୍ମନ୍ତ ରାଉତ ଦାବୀ କରିଛନ୍ତି ।

## ସମ୍ବଲପୁରରେ ଆପୋଲ ହସ୍ପିଟାଲ ପକ୍ଷରୁ ହାର୍ଟ ସଚେତନତା ଅଭିଯାନ



ସମ୍ବଲପୁର (ପିଏନ୍): ଭୁବନେଶ୍ୱର ଆପୋଲ ହସ୍ପିଟାଲ ପକ୍ଷରୁ ସମ୍ବଲପୁରରେ ବିଶ୍ୱ ହାର୍ଟ ଦିବସ ଉପଲକ୍ଷେ ଏକ ହୃଦ୍‌ରୋଗ ସଚେତନତା ଅଭିଯାନ୍ ଆୟୋଜିତ ହୋଇଯାଇଛି । ଏଥିନିମନ୍ତେ ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକଠାରୁ ଆୟୋଜିତ ଏକ ମାରାଥନ୍ ରାଲିକୁ ସମ୍ବଲପୁରର ଏଡିଏମ୍ ଶ୍ରୀଯୁକ୍ତ ଲିଙ୍ଗରାଜ ପଣ୍ଡା ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ଶତପଥୀ ଏବଂ ଅନ୍ୟାନ୍ୟ ଅତିଥିଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଖରାପ ପାଗ ଓ ବର୍ଷା ସତ୍ୱେ ଏଥିରେ ଉତ୍ସୁକତା ଓ ସାହସର ସହିତ ଏହି ମାରାଥନ୍‌ରେ ପଦଯାତ୍ରା କରି ହୃଦ୍‌ରୋଗ ନିରାକରଣ ଉପରେ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଂଚାଇଥିଲେ ।




# ବନବାସୀ ସେବା ସମିତି ତରଫରୁ ଆନ୍ତର୍ଜାତୀୟ ଅହିଂସା ଦିବସ ଓ ୧୫୦ ତମ ଗାନ୍ଧୀ ଜୟନ୍ତୀ ପାଳିତ

ବାଲିଗୁଡ଼ା, (ପିଏନ) : ବନବାସୀ ସେବା ସମିତି, ବାଲିଗୁଡ଼ା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଅହିଂସା ଦିବସ ଓ ୧୫୦ ତମ ଗାନ୍ଧୀ ଜୟନ୍ତୀ ବାଲିଗୁଡ଼ାରେ ପାଳନ ହୋଇଯାଇଛି । ଏହି ଅବସରରେ ସକାଳ ୯ଟାରେ ବିଶିଷ୍ଟ ସର୍ବୋଦୟ କର୍ମୀ ତଥା ବନବାସୀ ସେବା ସମିତିର ସମ୍ପାଦକଙ୍କ ଶ୍ରୀଯୁକ୍ତ ଉତ୍ସବ ଚନ୍ଦ୍ର ଜେନା, ଅନୁଷ୍ଠାନର ସହ ସଂପାଦକ ଶ୍ରୀ ରବୀନ୍ଦ୍ର ପଣ୍ଡା ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ । ଏଥିରେ ପ୍ଲାଷ୍ଟିକ ମୁକ୍ତ ଭାରତ ନିମନ୍ତେ ପ୍ଲାକାର୍ଡ଼ ଧରି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଶୋଭାଯାତ୍ରାରେ ଆଶ୍ରମର ଶତାବ୍ଦୀକ ଅନ୍ତେବାସୀ, ଆଶ୍ରମରେ ରହୁଥିବା ବାଳକ ବାଳିକା, କର୍ମକର୍ତ୍ତା, ଶିକ୍ଷକ ଭାଗ ନେଇଥିଲେ । ଏଥି ସହିତ ବନବାସୀ ସେବା ସମିତି ତରଫରୁ ବିଭିନ୍ନ ବର୍ଗର ଶିଶୁଙ୍କ ନିମନ୍ତେ ପ୍ରବନ୍ଧ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା, ଚିତ୍ର ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା ।



ସନ୍ଧ୍ୟାରେ ଆଶ୍ରମ ପରିସର ସଭାଗୃହରେ ଏକ ସଭା ଆୟୋଜନ ହୋଇଥିଲା । ସଂପାଦକ ଶ୍ରୀ ଉତ୍ସବ ଚନ୍ଦ୍ର ଜେନା ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ତିଥିରେ ଗାନ୍ଧୀଜୀଙ୍କ ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ସେ କିପରି ପ୍ରଭାବିତ ହେଲେ ଏବଂ ଭାରତର ସ୍ୱାଧୀନତାରେ ଯୋଗ ଦେଇ ନେତୃତ୍ୱ ନେଇଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଶ୍ରୀ ଜେନା ଗାନ୍ଧୀଜୀଙ୍କ ଦ୍ୱାରା ମୌଳିକ ଶିକ୍ଷାର ପ୍ରୟୋଗ, ଗ୍ରାମୀଣ ଉଦ୍ୟୋଗକୁ ଗୁରୁତ୍ୱ ଦେବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।

ଅନ୍ୟତମ ବକ୍ତା ବନବାସୀ ସେବା ସମିତିର ସହ-ସଂପାଦକ ଶ୍ରୀ ରବୀନ୍ଦ୍ର ପଣ୍ଡା ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମତିଥି ଅବସରରେ ଗାନ୍ଧୀଜୀ, ଯମୁନାଲାଲ ପୁରସ୍କାରପ୍ରାପ୍ତ ସ୍ୱର୍ଗତଃ ବିଶ୍ୱନାଥ ପଟ୍ଟନାୟକ କରିଯାଇଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଏହାକୁ ଅନୁକରଣ ଓ ଅଧ୍ୟୟନ କରିବା ପାଇଁ ଆଶ୍ରମରେ ବଢୁଥିବା ଛାତ୍ରଛାତ୍ରୀଙ୍କ ଆହ୍ୱାନ ଦେଇଥିଲେ । ଅତ୍ୟତମ ବକ୍ତା ଶ୍ରୀ ଲୋକନାଥ ପଣ୍ଡା ବର୍ତ୍ତମାନ ବାଳିକାମାନଙ୍କ ଯୁଗ , ସେମାନଙ୍କୁ ସଶକ୍ତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୋବେଲ ବିଜେତା ସୁଶ୍ରୀ ମାଲାଲା ୟୁସୁଫଯାୟୀଙ୍କ ବାଳିକା ଶିକ୍ଷାରେ ତାଙ୍କର ଅବଦାନ ଏବଂ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନକୁ ନେଇ ହୋଇଥିବା ବୈଠକରେ ସୁଇଡ଼େନ ଦେଶର ୧୬ ବର୍ଷିଆ ବାଳିକା ଗ୍ରେଟା ସୁଇନ୍‌ବର୍ଗଙ୍କ ଜଳବାୟୁ ପରିବର୍ତ୍ତନ ଦିଗରେ ଚମତ୍କାର ଭାଷଣ, ପରିବେଶ ପ୍ରତି ପ୍ଲାଷ୍ଟିକଜନିତ ଓ ପ୍ରଦୂଷଣ ଜନିତ ବିଷୟ ସମ୍ପର୍କରେ ଆଲୋଚନର ପ୍ରସଙ୍ଗରେ ଆଲୋଚନା କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା କୃତି ଶିଶୁମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ହଷ୍ଟେଲ ପରିଚାଳିକା ପ୍ରମୁଖ ପରିଚାଳନା କରିଥିଲେ ।

TEL. & FAX No.233259
CODE No.06782
e.mail:-nilgirinac.balasore@gmail.com

## OFFICE OF THE NOTIFIED AREA COUNCIL, NILGIRI, BALASORE.

**TENDER CALL NOTICE.**

No. 1563 Dated the 03.10.2019

Sealed tenders in prescribed form are invited from the registered contractors of Nilgiri NAC and the specified class of contractors registered with Govt.of Odisha/ Govt.of India/ State/Central Government Undertakings/ Reputed Engineering firms for the following works noted against each under Nilgiri NAC having experience in execution of similar works. The tender documents for the works will be available from the office of the Nilgiri NAC, Balasore during the office hours on cash payment of required amount as mentioned against each work (Non-refundable) from 04.10.2019 to 14.10.2019 upto 12.00 Noon. The tender will be received up to 01.00 P.M on 14.10.2019 in the office of the Executive Officer, Nilgiri NAC. The tenders received after the due time will not be entertained. The tenders will be opened on the same day i.e. on 14.10.2019 at 02.00 P.M. in the presence of the tenderers or their uthorized agents. The tenderers should deposit the EMD at the rate of 1% of the Bid Value of each work as indicated in shape of N.S.C./ K.V.P./ T.D./F.D./Postal Savings Pass Book duly pledged in favour of the Executive Officer, Nilgiri NAC, Nilgiri alongwith their tenders. The valid Licence, I.T.C.C. or Pan Card and GST Certificate should be accompanied with the tender documents. The tender with part of EMD/Unpledged EMD/in other shape and invalid I.T.C.C. or PAN card and GST Clearance Certificate will be rejected. All other details can be had from the office of the Nilgiri NAC. The authority reserves the right to reject one or all tenders without assigning any reason thereof.

| Sl. No. | Name of the work. | Estimated Cost | Cost of Tender Paper. | EMD to be deposited (In Rs.) | Time of completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | Completion of AWC building at Dahanimara in Nilgiri NAC in Ward No_12 | 48,528/- | 400/- | 500/- | 30days | D&C of Govt. and Nilgiri NAC. Enlisted contractor |
| 02. | Repair of BiswalSahi Road in BariSahi in Ward No_05 | 49,000/- | 400/- | 500/- | 30days | -Do- |
| 03. | Completion of AWC building at Sanatta in Nilgiri NAC in Ward No_01 | 49,171/- | 400/- | 500/- | 30days | -Do- |
| 04. | Completion of AWC building at Banapur in Nilgiri NAC in Ward No_11 | 67,812/- | 400/- | 700/- | 30days | -Do- |
| 05. | Completion of AWC building at Kothi Sahi in Nilgiri NAC in Ward No_06 | 68,749/- | 400/- | 700/- | 30days | -Do- |
| 06. | Supplying & fixing of PH fittings and Electrification at Rabani Guest House | 1,00,000/- | 600/- | 1100/- | 30days | -Do- |
| 07. | Const. of Market Complex near Gopabandhu Hostel-Block A (plinth Work) | 1,08,214/- | 600/- | 1100/- | 30days | -Do- |
| 08. | Supplying and Fixing of PH fittings and Electrification in Sauchalaya at RI office | 1,20,487/- | 600 | 1300/- | 30days | -Do- |
| 09. | Const. of Market Complex near Gopabandhu Hostel-Block B (plinth Work) | 1,78,413/- | 600/- | 1800/- | 30days | -Do- |

**Sd/-Executive Officer,
Nilgiri, N.A.C.**

# ବୃହତ ଆକାରର ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ସ୍ମାର୍ଟ ଭଦ୍ରକ ଓ ବାଲେଶ୍ୱରରେ ଖୋଲିଲା ପ୍ରଥମ ଷ୍ଟୋର୍

ଭଦ୍ରକ/ବାଲେଶ୍ୱର : ରିଲାଏନ୍ସ ରିଟେଲ୍‌ର ବୃହତ ଆକାରର ଗ୍ରୋସରି ସୁପରମାର୍କେଟ ବ୍ରାଣ୍ଡ୍ ରିଲାଏନ୍ସ ସ୍ମାର୍ଟ ପକ୍ଷରୁ ଭଦ୍ରକ ଓ ବାଲେଶ୍ୱରରେ ପ୍ରଥମ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ଖୋଲାଯାଇଛି । ଏହି ଦୁଇ ନୂଆ ରିଲାଏନ୍ସ ସ୍ମାର୍ଟ ଷ୍ଟୋର୍ ଜିଲ୍ଲାର କେନ୍ଦ୍ରୀୟ ଗହଳଚହଳ ସ୍ଥାନ ଭଦ୍ରକର ଛପୁଲିଆ ବାଇପାସ୍‌ରେ ଥିବା ରିଲାଏନ୍ସ ଟ୍ରେଣ୍ଡସ୍ ନିକଟରେ ଓ ବାଲେଶ୍ୱରର ରେଳ ଷ୍ଟେସନ ନିକଟ ଷ୍ଟେସନ ଛକରେ ଖୋଲାଯାଇଛି । ଗୋଟିଏ ଛାତ ତଳେ ଗ୍ରୋସରି, ଫଳ ଓ ପନିପରିବା, ଦୁଗ୍ଧ ଠାରୁ ଆରମ୍ଭ କରି କିଚେନ ଓ୍ୟାର ଏବଂ ହୋମଓ୍ୟାର ଇତ୍ୟାଦି ପର୍ଯ୍ୟନ୍ତ ବ୍ୟାପକ ପ୍ରକାରର ଉତ୍ପାଦକୁ ପ୍ରଦାନ କରି ଏହି ଷ୍ଟୋର ଓ୍ୱାନ-ଷ୍ଟପ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି ।ରିଲାଏନ୍ସ ସ୍ମାର୍ଟ ବର୍ଷ ତମାମ ଏହାର ବ୍ୟାପକ ବର୍ଗର ଉତ୍ପାଦର ଏମଆରପି ଉପରେ ସର୍ବନିମ୍ନ ୫% ନିଶ୍ଚିତ ରିହାତି ଓ ୧୪୯୯ ଟଙ୍କାର ସର୍ବନିମ୍ନ କିଣାକିଣି ଉପରେ ୯ ଟଙ୍କାରେ ୧ କେଜି ଚିନି ପ୍ରଦାନ କରବା ଭଳି ଅନେକ ଆକର୍ଷଣୀୟ ଅଫର ସହ ମାସିକିଆ ଗ୍ରୋସରି ସପିଙ୍ଗ ପାଇଁ ସାରା ଭାରତର ପସନ୍ଦର ସୁପରମାର୍କେଟ ଭାବେ ଉଭା ହୋଇଛି ।



ପୁନଶ୍ଚ, ନିତିଦିନିଆ ଖାଦ୍ୟ ସାମଗ୍ରୀ ଏବଂ ଫଳ ଓ ପନିପରିବା ଇତ୍ୟାଦି ଏହା ପ୍ରତିଦିନ ସୁଲଭ ମୂଲ୍ୟରେ ପ୍ରଦାନ କରୁଛି । ବାଲେଶ୍ୱର ଓ ଭଦ୍ରକରେ ଷ୍ଟୋର ଖୋଲିବା ସହ ରିଲାଏନ୍ସ ସ୍ମାର୍ଟର ଓଡ଼ିଶାରେ ଷ୍ଟୋର ସଂଖ୍ୟା ୮ରେ ପହଂଚିଛି । ଭଦ୍ରକର ଷ୍ଟୋର୍‌କୁ ୧୪,୫୬୧ ବର୍ଗଫୁଟ ଏବଂ ବାଲେଶ୍ୱରର ଷ୍ଟୋର୍‌କୁ ୧୪,୨୪୪ ବର୍ଗଫୁଟରେ ସ୍ଥାପନ କରାଯାଇଛି । ଷ୍ଟୋରରେ ଭଲ ଭାବେ ସୂଚନା ପ୍ରଦାନ କରିପାରୁଥିବା ଗ୍ରାହକ ସହଯୋଗୀ, ଚଳମାନ ଡିଜାଇନ ଓ ଲେଆଉଟ୍, ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ରହିଛି ଯାହା ବିନମ୍ରତାର ସହ ଗ୍ରାହକଙ୍କ ହୃଦୟ ଜୟ କରିବ ଏବଂ ସେମାନଙ୍କ ନିତିଦିନିଆ ଜୀବନର ଏକ ଅଂଶ ହେବ । ବର୍ଷ ବର୍ଷ ଧରି ରିଲାଏନ୍ସ ସ୍ମାର୍ଟ, ନିଜର ଗ୍ରାହକଙ୍କର ନିତିଦିନିଆ ଆବଶ୍ୟକତା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଅବସରରେ ଆବଶ୍ୟକ ପଡୁଥିବା ଉତ୍ପାଦକୁ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଆସୁଛି । ଗ୍ରାହକଙ୍କ ଉପରେ ଅଧିକରୁ ଅଧିକ ଧ୍ୟାନ ଦେବା ସହିତ ରିଲାଏନ୍ସ ସ୍ମାର୍ଟ ବୃହତ ଫର୍ମାଟରେ ବ୍ୟାପକ ବର୍ଗର ଉତ୍ପାଦ ଓ ଗ୍ରାହକଙ୍କ ଘର ନିକଟରେ ପହଂଚି ଗ୍ରାହକମାନଙ୍କୁ ସର୍ବଶ୍ରେଷ୍ଠ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି । ବର୍ତମାନ ରିଲାଏନ୍ସ ସ୍ମାର୍ଟ ଷ୍ଟୋରଗୁଡ଼ିକର ଉପସ୍ଥିତି ଦେଶର ୧୨୦ ସହରରେ ରହିଛି ।

# ଭାରତକୁ ପ୍ରବେଶ କଲା ନୂତନ ଲେକ୍ସସ୍ ଆରଏକ୍ସ ୪୫୦ଏଚଏଲ୍

ଭୁବନେଶ୍ୱର: ଅଗ୍ରଣୀ ବିଳାସପୂର୍ଣ୍ଣ କର୍ ନିର୍ମାତା ଲେକ୍ସସ୍ ଇଣ୍ଡିଆ ପକ୍ଷରୁ ସମସ୍ତ-ନୂତନ ଆରଏକ୍ସ ୪୫୦ଏଚ୍ଏଲ୍ ବିଳାସପୂର୍ଣ୍ଣ ଏସ୍‌ୟୁଭିର ଶୁଭାରମ୍ଭ କରାଯାଇଛି, ଯାହା ବ୍ରାଣ୍ଡର ପ୍ରମୁଖ ମଡେଲରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଆରଏକ୍ସର ବୁକିଂ ଅକ୍ଟୋବର ୨୦୧୯ରୁ ଆରମ୍ଭ ହେଉଛି । ବର୍ତ୍ତମାନ ଏହାର ଚତୁର୍ଥ ପିଢ଼ିରେ ଏହି କାର୍ ଏକ ତୃତୀୟ ରୋ ସିଟିଂ, ଏକ ଚମତ୍କାର ଓ ଆକର୍ଷଣୀୟ ବାହ୍ୟ ଡିଜାଇନ୍ ସହିତ ଉଚ୍ଚ ମାନର କାର୍ଯ୍ୟ ପ୍ରଦର୍ଶନ କରୁଥିବା ଆଭ୍ୟନ୍ତରୀଣ ପ୍ରଦାନ କରୁଛି । ଏହି ନୂତନ ମଡେଲ୍‌ର ଆକର୍ଷଣୀୟ ମୂଲ୍ୟ ଟ. ୯୯,୦୦,୦୦୦ ରହିଛି (ଏକ୍ସଶୋରୁମ୍ ମୂଲ୍ୟ, ନୂଆଦିଲ୍ଲୀ) ।

ଆର୍‌ଏକ୍ସ ୪୫୦ଏଚଏଲର ବାହାର ଭାଗ ଏକ ଶକ୍ତିଶାଳୀ ଆକାରତା ପ୍ରଦାନ କରୁଛି । ଏହି ଗାଡ଼ିର ଉଚ୍ଚ ସକ୍ଷମତାଯୁକ୍ତ ବିସ୍‌ଭିଆଇ କମ୍ପ୍ଲିଆଣ୍ଟ, ୩.୫ ଇଞ୍ଜିନ୍ ଏକ ଆକର୍ଷଣୀୟ ଗାଡ଼ି ଚାଳନା ଅନୁଭୂତି ଓ ଏକ ଅଭୂତପୂର୍ବ ପାରିବେଶିକ କାର୍ଯ୍ୟ ପ୍ରଦର୍ଶନତା ନିମନ୍ତେ ଅନୁମତି ପ୍ରଦାନ କରୁଛି । ଭି୬ ଆଟକିନ୍ସନ୍ ସାଇକେଲ୍ ଇଞ୍ଜିନ୍ ଡୁଆଲ୍ ଭିଭିଟି-ଆଇ ଓ ଅତ୍ୟାଧୁନିକ ଡି-୪ଏସ୍ ଇନ୍ଧନ ପ୍ରବେଶ ବ୍ୟବସ୍ଥା ଭଳି ବୈଶିଷ୍ଟ୍ୟତା ପ୍ରଦାନ କରୁଛି । ଏହା ଚମତ୍କାର ଚାଳନତା, ଇନ୍ଧନ ସକ୍ଷମତା ଓ କମ୍ ନିର୍ଗମନତା ସହିତ ରୋମାଞ୍ଚକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରୁଛି ।

ଏହି ଶୁଭାରମ୍ଭ ଅବସରରେ ପି ଭି ବେଣୁଗୋପାଳ, ସଭାପତି ଲେକ୍ସସ୍ ଇଣ୍ଡିଆ ପ୍ରକାଶ କରିଛନ୍ତି, "ଆରଏକ୍ସ ୪୫୦ଏଚ୍ଏଲ୍ ଏକ ସ୍ୱତଃ-ଚାର୍ଜିଂ ହାଇବ୍ରିଡ଼ ଇଲେକ୍ଟ୍ରିକ୍ ଯାନ ଅଟେ, ଯାହା ଗ୍ରାହକଙ୍କୁ ବିଳାସପୂର୍ଣ୍ଣ ଚାଳନା ଅନୁଭୂତି ପ୍ରଦାନ କରୁଛି । ବିକଶିତ ଜ୍ଞାନକୌଶଳ, ଡିଜାଇନ୍ ଓ ଆକର୍ଷଣୀୟ ମୂଲ୍ୟ ଆରଏକ୍ସ ୪୫୦ଏଚ୍ଏଲ୍‌କୁ ଆମର ନୂତନ ଅତିଥିମାନଙ୍କ ପାଇଁ ଏକ ଅଭିଳାଷପୂର୍ଣ୍ଣ କାର୍ ଭାବେ ପ୍ରତିଷ୍ଠିତ କରାଇବ । ଆମେ ଆମର ନୂତନ ଆରଏକ୍ସ ସହିତ ଭାରତୀୟ ବଜାରକୁ ପ୍ରଦାନ କରିଥିବା ପ୍ରତିଶ୍ରୁତିକୁ ବଜାୟ ରଖିଛୁ ଏବଂ ପୂର୍ବରୁ ପ୍ରଦାନ କରାଯାଇଥିବା ଲାଇନରେ ଏକ ନୂତନ ମୂଲ୍ୟ ଯୋଗ କରିଛୁ ।"

# ପ୍ଲେଫିଟ୍ ୨୧ ଓ ୫୩ ସ୍ମାର୍ଟ ବ୍ୟାଣ୍ଡ ଏବେ ଭାରତରେ

ଭୁବନେଶ୍ୱର : ଦିଲ୍ଲୀ ସ୍ଥିତ ସ୍ମାଟ୍ ୱେରେବୁଲ୍ ଓ ଅଡିଓ ବୈଶିଷ୍ଟ ବିଶିଷ୍ଟ କମ୍ପାନୀ ପ୍ଲେ ନିଜର ଦୁଇଟି ଉତ୍ପଦ - ପ୍ଲେଫିଟ୍ ଏବଂ ପ୍ଲେଗୋଓ ବଜାରରେ ଉପସ୍ଥାପନ କରିଛି । ପ୍ଲେଫିଟ୍ ଶୃଙ୍ଖଳା ଅନ୍ତର୍ଗତ ସେ ନିଜର ଦୁଇଟି ନୂତନ ପ୍ଲେଫିଟ୍୨୧ ଓ ପ୍ଲେଫିଟ୍୫୩ ସ୍ମାଟ୍ ବ୍ୟାଣ୍ଡ ବଜାରରେ ଉପସ୍ଥାପନ କରିଛି । ପ୍ଲେଫିଟ୍ ଏହି ଦୁଇଟି ଶୃଙ୍ଖଳା ଆମାଜାନ୍‌ରେ ଚାଲିଥିବା ଦ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ସେଲ୍( ୨୮-୨୯ ସେପ୍ଟେମ୍ବର - ୪ ଅକ୍ଟୋବର)ରେ ଗ୍ରାହକ ଏହାକୁ କିଣିପାରିବେ । ଆମାଜାନ୍‌ରେ ପ୍ଲେଫିଟ୍୨୧ ମୂଲ୍ୟ ୧୨୯୯/- ହୋଇଥିବା ବେଳେ ପ୍ଲେଫିଟ୍୫୩ର ମୂଲ୍ୟ ୧୯୯୯/- ଟଙ୍କା ରହିଛି ।

ପ୍ଲେଫିଟ୍୨୧ରେ ରହିଛି ବ୍ଲୁଟୁଥ୍ କନେକ୍ସନ୍, ୦.୯୬" କଲର ଡିସ୍‌ପ୍ଲେ, ଆଇପି୬୮ ୱାଟର୍ ଏବଂ ଡଷ୍ଟପ୍ରୁଭ୍ । ଏହାବ୍ୟତିତ ପ୍ଲେଫିଟ୍୨୧ ଓ ପ୍ଲେଫିଟ୍୫୩ରେ ରହିଛି ହାଟ୍ ରେଟ୍, ସ୍ଟେପ୍, ସ୍ଲିପ୍ ମନିଟରିଙ୍ଗ୍ କ୍ଷମତା । ପ୍ଲେଫିଟ୍୫୩ ଦୁଇଟି ରଙ୍ଗରେ ଉପଲବ୍ଧ ସ୍ପୋଟି ଲାଲ୍ ସହିତ କଳା ଏବଂ ବାଇଗଣି ସହିତ ବ୍ଲୁ ।

ଏହି ଅବସରରେ ପ୍ଲେର ଫାଉଣ୍ଡର ଓ ମୁଖ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ଦିପ ବଙ୍ଗା କହିଛନ୍ତି ଯେ, ''ଭାରତରେ ଆମେ ଆମର ପ୍ଲେ ଏହି ନୂତନ ଉତ୍ପାଦ ଉପସ୍ଥାପନ କରିଥିବାରୁ ଆମେ ବହୁତ ଉତ୍ସାହିତ । ଗ୍ରାହକଙ୍କ ବଢୁଥିବା ଚାହିଦାକୁ ନଜରରେ ରଖି ଆମେ ଏହି ନୂତନ ସ୍ମାଟ୍ ୱେରେବୁଲ୍ ଓ ଅଡିଓ ସାମଗ୍ରୀ ମାନ ଉପସ୍ଥାପନ କରିଛୁ । ଆଶା କରୁଛୁ ଯେ ଗ୍ରାହକ ଏହାକୁ ଗ୍ରାହକ କରିବା ସହ ଏହାର ଚାହିଦା ମଧ୍ୟ ଭାରତ ବଜାରେ ବହୁ ଅଧିକ ହେବ ।''

# ସୋଚର ନୂତନ ପୂଜା କଲେକ୍ସନ୍




ଭୁବନେଶ୍ୱର : ଚଳିତ ପାର୍ବଣ ଋତୁକୁ ନଜରରେ ରଖି ସୋଚ ପକ୍ଷରୁ ନୂତନ ପୋଷାକ ସମ୍ଭାର ବଜାରରେ ଉପସ୍ଥାପନ କରାଯାଇଛି । ପର୍ବପର୍ବାଣୀ, ବିବାହ କିମ୍ବା ପାରିବାରିକ ପର୍ବ ହେଉ ସୋଚ ପକ୍ଷରୁ ସମସ୍ତଙ୍କ ନିମନ୍ତେ ରହିଛି କିଛି ଭିନ୍ନ ସୃଙ୍ଖଳା । ଏଥିରେ ଅଲିଭ୍, ରିଜ୍ ବ୍ଲାକ୍ ଓ ହଳଦିଆ ରଙ୍ଗର ମିଶ୍ରଣର ଏକ ବିଶେଷ ସଂଗ୍ରହ ରହିଛି । ଏହାବ୍ୟତିତ ଏଥିରେ ସୁନେଲି, ରୂପେଲି ରଙ୍ଗର ଥିବା ଏମ୍ବ୍ରୋଡରି ଯାହା ସନ୍ଧ୍ୟା ସମୟରେ ଏକ ନୂତନ ଆକର୍ଷଣ ପ୍ରଦାନ କରିଥାଏ । ଏହାସହ ସୋଚ ଚାନ୍ଦେରି, ସିଲ୍କ, ଟିସୁ ଏବଂ ନେଟ୍ ଶାଢ଼ିର ଏକ ନୂତନ କଲେକ୍ସନ ପ୍ରଦାନ କରିଛନ୍ତି ।

ଏହି ପାର୍ବଣ ଋତୁରେ ସୋଚ ପକ୍ଷରୁ ରହିଛି ବିଭିନ୍ନ ରଙ୍ଗର ଏକ ଶୃଙ୍ଖଳା ଯାହା ଅନ୍ୟ କେବେ ଦେଖିବାକୁ ପାଇନଥିବେ । ଧଳା, ବାଇଗଣି, ଗୋଲାପି ଓ ନୀଳ ରଙ୍ଗର କିଛି ପୋଷାକ କଲେକ୍ସନ ରହିଛି ଯାହା ଉଭୟ ଦିନ ଏବଂ ରାତିରେ ଖୁବ୍ ସୁନ୍ଦର ଦେଖାଯିବ ।

# ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସ ଲୋକଙ୍କ ଭବିଷ୍ୟତର ସୁରକ୍ଷା ସହ ପରିବେଶ ନିରାପତା ସୁନିଶ୍ଚିତ କରୁଛି



ଭୁବନେଶ୍ୱର(ପିଏନ): ଗ୍ଲୋବାଲ ୱାର୍ମିଂ କାରଣରୁ ଦେଖାଦେଉଥିବା ପରିବେଶଗତ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ନିଜର ନୂଆ କାର୍ଯ୍ୟକ୍ରମ ରକ୍ଷାକରଣ ହିରୋ ଜରିଆରେ ଏହାକୁ ଲଢ଼ିବାକୁ ଏକ ସୁଦୃଢ଼ ପଦକ୍ଷେପ ନେଇଛି । ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ଆଦର୍ଶ 'ସୁରକ୍ଷା କରିବା' ଯାହାକି ଲୋକମାନଙ୍କ ଭବିଷ୍ୟତକୁ ସୁରକ୍ଷା ଦେଇଥାଏ, ଆଧାରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପରିବେଶ ପ୍ରତି ମଧ ଏହି ସମାନ ଆଦର୍ଶକୁ ସମ୍ପ୍ରସାରଣ କରି କମ୍ପାନି ଜୀବଜଗତର ସାମଗ୍ରିକ ଭବିଷ୍ୟତର ନିରାପତା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ।ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସରୁ କିଣୁଥିବା ପ୍ରତିଟି ଟର୍ମ ପଲିସି ପାଇଁ କମ୍ପାନି ପଲିସିଧାରୀଙ୍କ ନାମରେ ଗୋଟିଏ ଚାରା ରୋପଣ କରିବାକୁ ଶପଥ ଗ୍ରହଣ କରିଛି । ଦେଶରେ ଅଧିକ ଗ୍ରୀନ୍ କଭର ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ଅଂଚଳରେ ଏହି ଚାରାଗୁଡ଼ିକୁ ରୋପଣ କରାଯିବ ।ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାହକମାନେ କେବଳ ନିଜ ପରିବାରକୁ ଆର୍ଥିକ ନିରାପତା ଯୋଗାଉଛନ୍ତି ତାହା ନୁହେଁ ବରଂ ବିଶ୍ୱକୁ ଏକ ସବୁଜ ସ୍ଥାନରେ ପରିଣତ କରିବାକୁ ସକ୍ରିୟ ଅଂଶଗ୍ରହଣ କରିପାରିବେ । ସେମାନେ ଜୀବନ ବୀମା ପଲିସି କିଣି ନିଜ ପରିବାରର ଭବିଷ୍ୟତର ଯତ୍ନ ନେବା ସହ ଭବିଷ୍ୟତରେ ଏକ ସବୁଜ, ସ୍ୱଚ୍ଛ ପରିବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇପାରିବେ ।ଭାରତର ପ୍ରମୁଖ ୫ ଘରୋଇ ଜୀବନ ବୀମା କମ୍ପାନି ମଧ୍ୟରୁ ଅନ୍ୟତମ, ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ (୨୦୧୮-୧୯ରେ ନୂଆ ବିଜନେସ୍ ପ୍ରିମିୟମ୍ ଆଧାରରେ) ଏବଂ ଗ୍ରୋ-ଟ୍ରି, ଭାରତରେ ଗ୍ରୀନ୍ କଭର ବୃଦ୍ଧି ପାଇଁ ସମର୍ପିତ ସଂସ୍ଥା ଏହି ଉଦ୍ଦେଶ୍ୟରେ ଚୁକ୍ତିବଦ୍ଧ ହୋଇଛନ୍ତି, ଯେଉଁଥିରେ ଟାଟା ଏଆଇଏ ଲାଇଫ୍‌ଠାରୁ ଗ୍ରାହକ କିଣୁଥିବା ପ୍ରତିଟି ଟର୍ମ ପଲିସି ପାଇଁ ଗ୍ରୋ-ଟ୍ରି ଏକ ଚାରା ରୋପଣ କରିବ ।ଶ୍ରୀ ସୌରଭ ଅଗ୍ରୱାଲ, ଅଧ୍ୟକ୍ଷ, ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ତଥା ଟାଟା ସନ୍ସର ଚିଫ୍ ଫାଇନାନ୍ସିଆଲ ଅଫିସର, ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏ ଅବସରରେ ଶ୍ରୀ ଋଷି ଶ୍ରୀବାସ୍ତବ, ଏମ୍‌ଡି ଏବଂ ସିଇଓ, ଟାଟା ଲାଇଫ୍ ଇନ୍‌ସ୍ୟୁରାନ୍ସ ଉପସ୍ଥିତ ଥିଲେ ।ଏ ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ସୌରଭ ଅଗ୍ରୱାଲ, ଅଧ୍ୟକ୍ଷ- ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ଏବଂ ଟାଟା ସନ୍ସର ଚିଫ୍ ଫାଇନାନ୍ସିଆଲ ଅଫିସର କହିଲେ, "ଟାଟା ଗ୍ରୁପ୍‌ର ଆଦର୍ଶ ତଥା ଏକ ଭାଗିଦାରୀ, ନିରନ୍ତର ଓ ଇକୋଲୋଜି ଦୃଢ଼ୀକରଣ ବିକାଶ ଲକ୍ଷ୍ୟ ପାଇଁ ଟାଟା ଏଆଇଏ ଲାଇଫ୍‌ର ଏହି କାର୍ଯ୍ୟକ୍ରମ ଉପଯୁକ୍ତ ଭାବେ ମ୍ୟାଚ୍ କରୁଛି । ଗ୍ରୁପ୍ ସବୁବେଳେ ଅଂଶୀଦାରଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବା ସହ ସବୁ ଅଂଶଧନଧାରୀଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ବିଶ୍ୱାସ କରେ ।ପବନର ମାନରେ ଦ୍ରୁତ ହ୍ରାସ ଏବଂ ସବୁଜ କଭର ମଳିନ ପଡୁଥିବା ନେଇ ଚିନ୍ତା ବଢୁଥିବାରୁ ବନନାଶକର ବିପରିତ ପଦକ୍ଷେପ ପାଇଁ ଆମେ ଏକ ସକ୍ରିୟ ଭୂମିକା ତୁଲାଇବା ଉଚିତ । ପରିବେଶ ନିରାପତା ପାଇଁ ଏହି ସାମଗ୍ରିକ ପନ୍ଥା ପାଇଁ ମୁଁ ଋଷି ଏବଂ ଟାଟା ଏଆଇଏ ଲାଇଫ୍‌କୁ ଅଭିନନ୍ଦନ ଜଣାଉଛି ।"

# ସାମାଜିକ ଗଣମାଧ୍ୟମରେ ଆଶିର୍ବାଦ ଅଟାର ମର୍ଯ୍ୟାଦାହାନି କରିବା ଭଳି ପ୍ରକାଶନ ଓ ମିଥ୍ୟା ଭିଡିଓ ବିତରଣ ଉପରେ ଅଦାଲତ ରୋକ ଲଗାଇଲେ

ବାଲେଶ୍ୱର: ଦେଶର ଏକ ନମ୍ବର ଅଟା ବ୍ରାଣ୍ଡ୍ ଆଶିର୍ବାଦ ଅଟା ଇଟଂରରନେଟ୍ ମଂଚରେ ବିଦ୍ୱେଷପୂର୍ଣ୍ଣ ଭିଡିଓର ଶିକାର ହୋଇଛି ଯେଉଁଥିରେ ଅଭିଯୋଗ କରାଯାଇଛି ଯେ ଅଟା ପ୍ଲାଷ୍ଟିକ୍ ରହିଛି । ଏହି ଭିଡିଓରେ ଦାବି କରାଯାଇଛି ଯେ ଯଦି ଆଶିର୍ବାଦ ଅଟାକୁ ପାଣିରେ ଅନେକ ଥର ଧୁଆଯିବ ତେବେ ତାହା ଗମ୍ ଭଳି ଉପାଦାନରେ ପରିଣତ ହୋଇଯିବ, ଯାହାକୁ ସେମାନେ ପ୍ଲାଷ୍ଟିକ୍ ବୋଲି ଅଭିଯୋଗ କରୁଛନ୍ତି । ଯାହାକୁ ସେମାନେ ପ୍ଲାଷ୍ଟିକ୍ ବୋଲି ଅଭିଯୋଗ କରୁଛନ୍ତି ତାହା ବାସ୍ତବରେ ଏକ ଗହମ ପ୍ରୋଟିନ (ଗ୍ଲୁଟେନ୍ ଭାବେ ପରିଚିତ) ଯାହା ଅଟାକୁ ପରସ୍ପର ସହିତ ବାନ୍ଧି ରଖେ ଏବଂ ପାଣିରେ ଅଟାକୁ ଦଳିବା ବେଳେ ତାହା ନମନିୟତା ପ୍ରଦାନ କରେ । ଆଶିର୍ବାଦ ଅଟାର ବ୍ରାଣ୍ଡ୍ ଭାବମୂର୍ତ୍ତିକୁ କ୍ଷତି ପହଂଚାଇବା ଏବଂ ଏହି ଅଟାର ବ୍ୟବହାର ଏବଂ ଉପଯୋଗିତାକୁ ନେଇ ଜନ ସାଧାରଣଙ୍କ ମଧ୍ୟରେ ମିଥ୍ୟା ସତର୍କବାଣୀ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବା ଭଳି ମନ୍ଦ ଉଦ୍ଦେଶ୍ୟ ରଖି ଏହି ଭିଡିଓକୁ ପ୍ରସ୍ତୁତ ଏବଂ ପ୍ରସାରଣ କରାଯାଇଛି । ଏପରିକି, ଖାଦ୍ୟ ନିରାପତା ଏବଂ ମାନକ ନିୟମ, ୨୦୦୬ ଅଧୀନରେ ଥିବା ଏଫ୍ଏସ୍ଏସ୍ଏଆଇ ନିୟମାବଳୀରେ ଉଲ୍ଲେଖ ରହିଛି ଯେ ସମସ୍ତ ଅଟାରେ ନିଶ୍ଚିତ ରୂପେ ସର୍ବନିମ୍ନ ୬% ଗହମ ପ୍ରୋଟିନ୍ ରହିବା ଦରକାର ।

ଏହି ଲୋକପ୍ରିୟ ବ୍ରାଣ୍ଡ୍ ବିରୋଧରେ କରାଯାଇଥିବା ଭିତିହୀନ ଅଭିଯୋଗକୁ ନେଇ କଂପାନି ପକ୍ଷରୁ ପୂର୍ବରୁ କୋଲକାତାଠାରେ ଖବର ସମୟର ସତ୍ୱାଧୀକାରୀ ଏବଂ ଏହି ଭିଡିଓ ପଛରେ ସଂପୃକ୍ତ ଥିବା ଅଜଣା ବ୍ୟକ୍ତିଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରାଯାଇଥିଲା । ପୁନଶ୍ଚ, କଂପାନି ପକ୍ଷରୁ ଖବର ସମୟ, ଏହାର ସତ୍ୱାଧୀକାରୀ ଶ୍ରୀଯୁକ୍ତ ସଂଜୟ ଶର୍ମା ଏବଂ ଅନ୍ୟମାନଙ୍କ ବିରୋଧରେ ବେଙ୍ଗାଲୁରୁର କୋର୍ଟ ଅଫ୍ ସିଟି ସିଭିଲ୍ ଆଣ୍ଡ ସେସନ୍ ଜଜ୍‌ଙ୍କଠାରେ ମାମଲା ଦାୟର କରାଯାଇଛି ଏବଂ ଭିଡିଓକୁ ନେଇ କଂପାନିର ଭାବମୂର୍ତିରେ ହୋଇଥିବା କ୍ଷତିର ଭରଣା ଦାବି କରାଯାଇଥିଲା । ଏହି ମାମଲାର ଶୁଣାଣି କରି ୧୬.୧୨.୨୦୧୭ରେ କୋର୍ଟ ଏକ ନିର୍ଦ୍ଦେଶ ଜାରି କରି ପ୍ରତିପକ୍ଷ ଯେଉଁଥିରେ ଗୁଗୁଲ, ୟୁଟ୍ୟୁବ, ଫେସବୁକ୍, ଟ୍ୱିଟର ଆଦି ଇଟଂରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଙ୍କୁ ପ୍ରକାଶନ, ପ୍ରସାରଣ ଓ ଯୋଗାଯୋଗ କରିବା କିମ୍ବା କୌଣସି ଉପାୟରେ ଏହି ଭିଡିଓ ଉପଲବ୍ଧ ହେବା କିମ୍ବା ଜନ ସାଧାରଣଙ୍କ ପାଇଁ ଏହି ଭିଡିଓ ଉପଲବ୍ଧ ହେବା ଜାରି ରହିବା ଭଳି କାର୍ଯ୍ୟରୁ ନିବୃତ ରହିବାକୁ କୁହାଯାଇଥିଲା । ଅଦାଲତଙ୍କ ପକ୍ଷରୁ ଇଟଂରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ପ୍ରଦାନକାରୀଙ୍କୁ ସମନ ମଧ୍ୟ ଜାରି କରାଯାଇଛି ।

ମୁମ୍ବାଇର ଏକ ଏନ୍ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଲାବୋରେଟୋରି ପକ୍ଷରୁ ଆଶିର୍ବାଦ ଅଟା ସମେତ ଅନ୍ୟ ଲୋକପ୍ରିୟ ଅଟା ବ୍ରାଣ୍ଡକୁ ନିକଟରେ ପରୀକ୍ଷା କରି ସଂଗ୍ରହ କରାଯାଇଥିବା ଏହି ସମସ୍ତ ଅଟାର ନମୁନାରେ ଗ୍ଲୁଟେନ୍‌ର ମାତ୍ରା ୭ରୁ ୧୨ ପ୍ରତିଶତ ଭିତରେ ଥିବା କୁହାଯାଇଥିଲା । ଲାବୋରେଟୋରି ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଥିବା ଯେ ଅଟାକୁ ପାଣି ସହିତ ଦଳିବା ବେଳେ ମଣ୍ଡ ଓ ଫାଇବର ବାହାରି ଯାଇଥାଏ ଏବଂ ଯାହା ରହିଯାଇଥାଏ ତାହା ହେଉଛି ଗ୍ଲୁଟେନ୍ ଏବଂ ତାହା ପ୍ଲାଷ୍ଟିକ୍ ନୁହେଁ ।




# ଯକୃତ କର୍କଟର ନିରାକରଣ ଓ ଆରୋଗ୍ୟ



ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍'। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସୁସ୍ଥ ଜୀବନଶୈଳୀ, ସୁଷମ ଖାଦ୍ୟ, ଧୂମପାନ ମଦ୍ୟପାନ ବର୍ଜନ କରି କର୍କଟଠୁ ଯଥାସମ୍ଭବ ଦୂରେଇବାକୁ ଅନେକ ସଚେତନଧର୍ମୀ ବାର୍ତ୍ତା ଏହି ଦିବସରେ ପ୍ରେରଣ କରାଯାଏ। ଲିଭର କ୍ୟାନସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶୀ ଭାବରେ ଦେଖାଯାଏ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜି ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ। ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ। ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୨୦-୨୫ବର୍ଷ ପରେ) ଏମାନେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ ବି ଏଡ଼୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ଜଟଣୀ ସରକାରୀ ବାଳିକା ହାଇସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଜଟଣୀ (ପିଏନ୍): ଜଟଣୀ ସରକାରୀ ବାଳିକା ହାଇସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟ ପ୍ରଧାନଶିକ୍ଷୟିତ୍ରୀ କ୍ଷୀରାବ୍ଧୀ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨ୟରୁ ୧୦ ଶ୍ରେଣୀର ୪୧୦ ଜଣ ଛାତ୍ରୀ ଓଡ଼ିଶା ସରକାରଙ୍କ ସେଂଟର ପକ୍ଷରୁ ଏନ୍‌ଭାରଲମେଂଟାଲ ଷ୍ଟଡିଜର ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ, ପଲିଥିନ୍ ମୁକ୍ତ ଭାରତ ଉପରେ ସମୂହ ଶପଥ ପାଠ କରିଥିଲେ। ଛାତ୍ରୀମାନେ ୧୦ଟି ଦଳରେ ବିଭକ୍ତ ହୋଇ ବିଦ୍ୟାଳୟ ପରିବେଶ ସଫେଇ, ବୃକ୍ଷରୋପଣ କରିଥିଲେ। ଗାନ୍ଧିଙ୍କ ୧୫୦ତମ ଜନ୍ମଜୟନ୍ତୀରେ ସରକାରଙ୍କ ସ୍ୱଚ୍ଛତା କାର୍ଯ୍ୟ, ପଲିଥିନ୍ ମୁକ୍ତ କରିବା, ବୃକ୍ଷରୋପଣ କରି ସୁସ୍ଥ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା, ସୁନ୍ଦର ଭାରତ ନିର୍ମାଣ ପାଇଁ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୁଦିଆରୀ ହାଇସ୍କୁଲ ପ୍ରଧାନଶିକ୍ଷକ କାଶୀନାଥ ଦାସ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, କମିଟି ସଭାପତି କିଶୋରଚନ୍ଦ୍ର ପାଇକରାୟ ଓ ଶିକ୍ଷିକା ପୁଷ୍ପିତା ପଟ୍ଟନାୟକ, କଳ୍ପନା ମିଶ୍ର, ସ୍ୱସ୍ତିଦା ପାଳ, ବର୍ଷାରାଣୀ ସାହୁ, ଶୁଭସ୍ମିତା ପଟ୍ଟଯୋଶୀ, ଇତିଶ୍ରୀ ରାଉତରାୟ, ଗୋପୀନାଥ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ବାନାମ୍ବର ବେହେରା, ନିହାରିକା ମୁଦୁଲି, ସ୍ନିଗ୍ଧାରାଣୀ ସ୍ୱାଇଁ, ରମେଶ ଦାଶ, ଶୈଳ ଦାଶ, ନର୍ମଦା ମହାରଣା, ଦୀପ୍ତିମୟୀ ସେଠୀ, ସୁଭଦ୍ରା ମଲ୍ଲିକ, କମଳା ଦାସ, ବିଜୟ କୁମାର ବାରିକ ଆଦି ପୂର୍ଣ୍ଣ ସହଯୋଗ କରିଥିଲେ।

## କୋଲକତାରେ ଶିଳ୍ପୀ ପଞ୍ଚାନନ ସାମଲଙ୍କ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): କିଛିମାସ ପୂର୍ବରୁ ଓଡ଼ିଶାରେ ବାତ୍ୟା 'ଫନି' ଯେଉଁ ଧ୍ୱଂସଲୀଳା ରଚିଥିଲା ତାହାର ଭୟଙ୍କର ଦୃଶ୍ୟ ଆମ ମାନସପଟରୁ ଏପର୍ଯ୍ୟନ୍ତ ଲିଭିନାହିଁ। ଏହି ଦୃଶ୍ୟପଟକୁ ନେଇ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ତିନୋଟି ସମସାମୟିକ ସୃଜନଶୀଳ



ଚିତ୍ରକଳା କୋଲକତା ବିର୍ଲା ଏକାଡ଼େମୀ ଅଫ ଆର୍ଟ ଆଣ୍ଡ କଲଚରଠାରେ ରାହା କ୍ରିଷ୍ଟି ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଯାଇଛି। ପ୍ରଦର୍ଶିତ ଚିତ୍ରଗୁଡ଼ିକ ମଧ୍ୟରୁ ଦୁଇଟି ଚିତ୍ରର ଶୀର୍ଷକ 'ଫନି' ଥିବାବେଳେ ଅନ୍ୟ ଚିତ୍ରଟିର ଶୀର୍ଷକ ଥିଲା 'ଭୟ'। ଚିତ୍ର ତିନୋଟିରେ ଗତ ଫନି ବାତ୍ୟାର ଭୟଙ୍କର ବିଭୀଷିକାକୁ ସୃଜନଶୀଳ ଢଙ୍ଗରେ ଉପସ୍ଥାପନ କରିଥିଲେ ଶିଳ୍ପୀ ଶ୍ରୀ ସାମଲ। ଶ୍ରୀ ସାମଲଙ୍କ ସହ କୋଲକତା, ନୂଆଦିଲ୍ଲୀ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ଚିତ୍ରଶିଳ୍ପୀମାନେ ଏହି ପ୍ରଦର୍ଶନୀରେ ନିଜ ନିଜ ଚିତ୍ର, ଭାସ୍କର୍ଯ୍ୟ ଓ ଫଟୋଗ୍ରାଫି ପ୍ରଦର୍ଶନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ପଞ୍ଚାନନଙ୍କ ଚିତ୍ର ଉତ୍କୃଷ୍ଟ ଚିତ୍ର ବୋଲି ବିବେଚିତ ହେବା ସହ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମସାମୟିକ ଚିତ୍ରକଳା ପ୍ରଦର୍ଶନୀଟି ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ୧୫୦ତମ ମହାତ୍ମା ଗାନ୍ଧିଙ୍କ ଜନ୍ମ ଦିବସ ଉପଲକ୍ଷେ ବୁଢ଼ାଘାଟଠାରେ ବୃକ୍ଷରୋପଣ ଓ ରାମଧୁନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର (ପିଏନ୍): ୧୫୦ତମ ମହାତ୍ମା ଗାନ୍ଧିଙ୍କ ଜନ୍ମ ଦିବସ ଉପଲକ୍ଷେ ଗାନ୍ଧିବାଦି ତଥା ସମାଜସେବୀ ବାଇଧର ମହାପାତ୍ରଙ୍କ ନେତୃତ୍ୱରେ ଯାଜପୁରର ବୁଢ଼ାଘାଟ ଠାରେ ବ୍ୟାପକ ବୃକ୍ଷରୋପଣ ହେବା ସଙ୍ଗେ ସଙ୍ଗେ ମହାତ୍ମାଗାନ୍ଧିଙ୍କ ପ୍ରିୟ ଗୀତ ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମ, ଈଶ୍ୱର ଆଲ୍ଲା ତେରେ ନାମ, ସବକୋ ସନ୍‌ମତି ଦେ ଭଗବାନ; ମନ୍ତ୍ର ଓ ଗୀତ କରତାଳି ଦେଇ ନଦୀ ପଠାରେ ବୃକ୍ଷ ରୋପଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଶୋକ ଗଛ, ବୋଉଳ ଗଛ, ଆକାଶିଆ ଗଛ, ବେଲ ଗଛ, ଅଶ୍ୱସ୍ଥ ଗଛ, କୃଷ୍ଣ ଚୂଡ଼ା, ନାଗେଶ୍ୱର, ନିମ୍ବ, ଦେବଦାରୁ, ଆମ୍ବ, ବର ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ମହାବୀର ଜିମ୍ନାସିୟମର ନୀଳକଣ୍ଠ ମିଶ୍ର, ରାଜୀବ କୁମାର ମହାପାତ୍ର, ସନ୍ତୋଷ ବେହେରା, ପ୍ରଶାନ୍ତ କଣ୍ଠ, ଭାଲୁ ଦଳାଇ, ଟିଁକି ଦଳାଇ, ଜଳିଆ ଦଳାଇ, ଗୋବିନ୍ଦ ଦଳାଇ, ନଟବର ଦଳାଇ, ତପନ ଦଳାଇ, ସଂଜୁଆ ଦଳାଇ, ଦିଲୁଆ ଦଳାଇ, ପରେଶ ମିଶ୍ର, ସଂଜିବ କୁମାର ମହାପାତ୍ର, ବାବନ ବେହେରା, ଛୋଟା ଦଳାଇ, ଶିବୁ ଦଳାଇ, ବାବୁ ଦଳାଇ, ଜଗା ଦାସ, ପ୍ରଦିପ୍ ଦାସ, କାହ୍ନୁ ବାବୁ, ରୁପକ୍ ଦାସ, ମାନସ ଦଳାଇ, ମଣିଆ ଦଳାଇ, ଧନିଆ ଦଳାଇ, ଉପେନ୍ଦ୍ର ଦଳାଇ, ଗଜେନ୍ଦ୍ର ସେଠୀ, ରବି ରଣା, ବିଳାସ ରାଉତରାୟ, ଦୁର୍ଯ୍ୟୋଧନ ବେହେରା, ବିଜୟ ମହାପାତ୍ର, ବିଦ୍ୟାଧର ବାରିକ,, ୟୁସୁଫ୍, ରବି ଦାସ, ଛୋଟା ଦଳାଇ, ବିଷ୍ଣୁ ରାଉତ, ବିଭୁତି ମହାପାତ୍ର, ଶହ ଶହ ଗାନ୍ଧିପ୍ରେମୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବୁଢ଼ାଘାଟ ଠାରୁ ରାମଧୁନ୍ ଗୀତ ଗାଇ ଗାଇ ଗାନ୍ଧୀପ୍ରେମୀମାନେ ରାସ୍ତାରେ ଏକ ଶୋଭାଯାତ୍ରାରେ ଚାଲିଚାଲି ମଲ୍ଲିକାପୁର ମହାଦେବଙ୍କ ପାଖରେ ଏକ ନିମ୍ବ ଗଛ ରୋପଣ କରି କାର୍ଯ୍ୟକ୍ରମକୁ ଶେଷ କରିଥିଲେ। ସୂଚନା ଯୋଗ୍ୟ ଯେ ମହାତ୍ମାଗାନ୍ଧୀ ୧୯୩୪ ମସିହାରେ ବୁଢ଼ାଘାଟ ଠାରୁ ଏକ ପଦ ଯାତ୍ରା କରି ବାରୁଣି ପଡ଼ିଆ ଠାରେ ଏକ ସଭା କରିଥିଲେ ଏବଂ ଯାଜପୁରର ସଦାବ୍ରତ ମଠ ପାର୍ଶ୍ୱରେ ରାତ୍ରିଯାପନ କରି ସକାଳ ବେଳା ଦେବୀଗଡା ଦେଇ ବୈତରଣୀ ପାର ହୋଇ ମଣିନାଥପୁର ପହଞ୍ଚି ଭଦ୍ରକ ଜିଲ୍ଲାକୁ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀପ୍ରେମୀମାନେ ସହଯୋଗ କରିଥିବାରୁ ବାଇଧର ମହାପାତ୍ର (ନଟୁନା) ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସୁସ୍ଥମନ, ସୁସ୍ଥ ଶରୀର ଓ ଆଧ୍ୟାତ୍ମିକ ଚେତନା

ଭୁବନେଶ୍ୱର (ପିଏନ୍): ସଂପ୍ରତି ମନୁଷ୍ୟ ନିକଟରେ ଭୋଗ ବିଳାସ ସାମଗ୍ରୀର ଅଭାବ ନାହିଁ। ତଥାପି ମନୁଷ୍ୟ ମନରେ ଶାନ୍ତି ନାହିଁ କିମ୍ବା ସୁଖ ନାହିଁ। ମନୁଷ୍ୟ ଖୋଜୁଛି ସୁଖ ଆଉ ଶାନ୍ତି। ସୁଖ ଏବଂ ଶାନ୍ତି ଅଭାବର କାରଣ ହେଲା ଅସୁସ୍ଥତା। ଏହି ଅସୁସ୍ଥତା କେବଳ ଶରୀରରେ ନୁହେଁ, ମନରେ ମଧ୍ୟ ରହିଛି। ମାନସିକ ଅଶାନ୍ତି ହିଁ ଶାରୀରିକ ଅସୁସ୍ଥତାର ମୁଖ୍ୟ କାରଣ। ମନର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ମନର ସୁସ୍ଥତା ହେଉଛି ଶାନ୍ତି, ପରିତୃପ୍ତି ଓ ସକରାତ୍ମକ ମନୋବୃତ୍ତି। ନକରାତ୍ମକ ମନୋବୃତ୍ତି ଓ ଚିନ୍ତନ ଅସୁସ୍ଥ ମନ ଓ ଅସୁସ୍ଥ ଶରୀରର ବୀଜ ସ୍ୱରୂପ। ମନୁଷ୍ୟର ନକରାତ୍ମକ ମନୋବୃତ୍ତିଗୁଡ଼ିକ ହେଲା ଲୋଭ, ମୋହ, ସ୍ୱାର୍ଥପରତା, ଅଜ୍ଞତା, କ୍ରୋଧ, ଈର୍ଷା, ଅହଂକାର ଓ କାମନା ଇତ୍ୟାଦି। ଏହି ସମସ୍ତ ନକରାତ୍ମକ ଚିନ୍ତାଧାରା ମନୁଷ୍ୟକୁ ଆଧ୍ୟାତ୍ମିକ ଚେତନାଠାରୁ ସବୁବେଳେ ଦୂରେଇ ରଖିଥାଏ। ମନୁଷ୍ୟର ଛଅଟି ଶତ୍ରୁ ଅଛନ୍ତି। ସେହି ଛଅଟି ଶତ୍ରୁ ହିଁ ମନୁଷ୍ୟର ମାନସିକ ଅସୁସ୍ଥତା, ତଥା ଶାରୀରିକ ଅସୁସ୍ଥତାର କାରଣ ହୋଇଥାନ୍ତି ଏବଂ ମନୁଷ୍ୟକୁ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଚେତନାଠାରୁ ଦୂରେଇ ରଖିଥାନ୍ତି। ସେହି ଛଅଟି ଦୁର୍ବାର ଶତ୍ରୁର ନିୟନ୍ତ୍ରଣରେ ହିଁ ମନୁଷ୍ୟ ସୁସ୍ଥ ମନ, ସୁସ୍ଥ ଶରୀର ଓ ଆଧ୍ୟାତ୍ମିକ ଚେତନାର ଅଧିକାରୀ ହୋଇପାରିବ। ସେହି ଛଅଟି ଶତ୍ରୁ ହେଲା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ। ଏହାକୁ ଷଡ଼ରିପୁ କୁହାଯାଏ।

ଏହି ଛଅଟି ଶତ୍ରୁ ମନୁଷ୍ୟ ମନରେ ବସା ବାନ୍ଧିଥାନ୍ତି। ଫଳତଃ, ମନୁଷ୍ୟ ମନ ସବୁବେଳେ ଅସୁସ୍ଥ ଥାଏ। ଅସୁସ୍ଥତା ଦୂରୀଭୂତ ହେଲେ ହିଁ ସୁସ୍ଥତା ଆସିଥାଏ। ଅସୁସ୍ଥତା କାରଣ ସମୂହକୁ ନିଜର ଗଣ୍ଠିଧନ ଓ ଗଳାମାଳି କଲେ ଏବଂ ସୁସ୍ଥତା ଖୋଜିଲେ ମିଳିବ କାହୁଁ। ମନୁଷ୍ୟ ନିଜକୁ ମନ୍ଦ ପ୍ରବୃତ୍ତି ଠାରୁ ଦୂରେଇ ରଖିଲେ ମାନସିକ ସୁସ୍ଥତା ମିଳିପାରିବ। ମାନସିକ ସୁସ୍ଥତା ସୁସ୍ଥ ଶରୀରର ସହାୟକ ହୋଇଥାଏ।

ସୁସ୍ଥ ଶରୀର ଅର୍ଥାତ୍ ନିରୋଗ ଶରୀର। ଭୋଗ ହିଁ ରୋଗର ମୂଳ କାରଣ। ଭୋଗ କରିବାର ଅଭିଳାଷକୁ ନିୟନ୍ତ୍ରଣରେ ରଖିଲେ, ଶରୀର ସୁସ୍ଥ ରହିବ। ଏଥିପାଇଁ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ। ଜିହ୍ୱା ଲାଳସାକୁ ସଂଯତ କରିବାକୁ ପଡ଼ିବ ଏବଂ ଶାରୀରିକ ବ୍ୟାୟାମ କରିବାକୁ ହେବ ଯଥା- ସାୟଂ ଭ୍ରମଣ, ପ୍ରାତଃ ଭ୍ରମଣ କିମ୍ବା ଆସନ ଓ ପ୍ରାଣାୟାମ ଆଦି। ଏତଦ୍‌ବ୍ୟତୀତ ଯାହା ଶରୀର ପାଇଁ ହିତ, ସେହି ପ୍ରକାର ଖାଦ୍ୟପେୟ ଗ୍ରହଣ କରିବାକୁ ହେବ। ମିତ ଆହାର ଅର୍ଥାତ୍ ଆବଶ୍ୟକତା ଠାରୁ ଅଧିକ ଭୋଜନ ନକରିବା। ଏହି ନିୟମଟିକୁ ମଧ୍ୟ ପାଳନ କରିବାକୁ ହେବ।

ଆଧ୍ୟାତ୍ମିକ ଚେତନା ମନୁଷ୍ୟର ମାନସିକ ସ୍ତରରେ ସୁସ୍ଥତା ଆଣିଥାଏ। ଆଧ୍ୟାତ୍ମିକତା ନିମିତ୍ତ ନିୟମ ପାଳନ ଯଥା-ସାତ୍ତ୍ୱିକ ଆହାର ଗ୍ରହଣ, ଶରୀରର ଶୌଚ ଓ ଶୁଦ୍ଧତା, ଦୟା, ମୈତ୍ରୀ, କରୁଣା, ସଦ୍‌ଭାବ ଆଦି ପାଳନ ମାନସିକ ଓ ଶାରୀରିକ ସୁସ୍ଥତା ଆଣିଥାଏ। ଆତ୍ମସନ୍ତୋଷ ମାନସିକ ଚାପକୁ ନିୟନ୍ତ୍ରଣ କରିଥାଏ। ଅସନ୍ତୋଷ ଏବଂ ଅତ୍ୟଧିକ କାମନା, କାମନାର ଅପୂରଣୀୟତା ମାନସିକ ଚାପ ବଢ଼ାଇଥାଏ। ଏହି ମାନସିକ ଚାପ ରକ୍ତଚାପ ଓ ହୃଦ୍‌ରୋଗ ସୃଷ୍ଟି କରିଥାଏ। ଆଧ୍ୟାତ୍ମିକତାର ଦୁଇଟି ଦିଗ-ଗୋଟିଏ ହେଲା ଈଶ୍ୱର ବିଶ୍ୱାସ, ଈଶ୍ୱର ଚିନ୍ତନ ଏବଂ ଅନ୍ୟ ଦିଗଟି ହେଲା ଆଧ୍ୟାତ୍ମିକ ଦୁଃଖ ଅର୍ଥାତ୍ ମନରୁ ଜାତ ନକରାତ୍ମକ ମନୋବୃତ୍ତି ଓ ଶରୀରରୁ ଜାତ ରୋଗ। ଅତଏବ ଈଶ୍ୱରଙ୍କ ଠାରେ ଅନୁରାଗ ରଖିବା, ଭକ୍ତି ରଖିବା ଏବଂ ଶାରୀରିକ ସୁସ୍ଥତା ରଖିବା ହେଲା ଆଧ୍ୟାତ୍ମିକ ଚିନ୍ତନ। ଏହି ଆଧ୍ୟାତ୍ମିକ ଚିନ୍ତନ ଦିଗଟି ସଦ୍‌ଗ୍ରନ୍ଥ ପାଠ ଦ୍ୱାରା ଏବଂ ସତ୍‌ସଙ୍ଗ ଦ୍ୱାରା ଆସିଥାଏ। ସର୍ବୋପରି ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇବା ପାଇଁ ଆଧ୍ୟାତ୍ମିକ ଚେତନା ଓ ନିଷ୍କାମ ଈଶ୍ୱର ଆରାଧନା ଏକାନ୍ତ ଅପରିହାର୍ଯ୍ୟ, ନଚେତ୍ ମଣିଷ ଜୀବନର ସାର୍ଥକତା ଉପଲବ୍ଧି ହେବା ଅସମ୍ଭବ। ଯେପରି ଜୀବନର ସାର୍ଥକତା ପ୍ରାପ୍ତ କରିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ କାଲାମ ଏବଂ କିଛି ପରିମାଣରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**(ସୌଜନ୍ୟ: ନଟବର ମହାନ୍ତି, ଆଇନଜୀବୀ, ସମ୍ପାଦକ: ଆବର୍ତ୍ତ ଓ ମାନବିକତାର କଥା, ଦୀପକ ସଦନ, ଭୋଇନଗର, ଭୁବନେଶ୍ୱର)**

# ଆଚ୍ଛାଦନ-ଆଚରଣ

କେତେକ ଲୋକ କହନ୍ତି - ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନାସ୍ପଦ: କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ। ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି। ତେଣୁ କୁହାଯାଏ - 'ଭେକ ଥିଲେ ଭିକ ମିଳେ'। ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବାସ୍ଥଳେ ଅନ୍ତଃଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ। ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହାସ୍ପଦ ବା ନମସ୍ୟ। ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ। ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାରମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ। ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ। ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ। ଜଣେ ଦେଖିବାକୁ ସୁନ୍ଦର ହୋଇ ନ ପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ। ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ: ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ। ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତାପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି। କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ। ସେଭଳି ମଣିଷକୁ ଦେଖିଲାମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପଣାର, ବହୁଦିନରୁ ପରିଚିତ ମଣିଷଟିଏ।



ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ। ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଲୁତ କରିଦିଏ। ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି। ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ। ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ। ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥା'ନ୍ତେ। ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇଦେଲେ। ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ' ବଦଳରେ ପଠାଇଦେଲି। ଲାଟ୍ ସାହେବ ଲଜ୍ଜିତ ହେଲେ। ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ। ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ। ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା। ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ। ଯଥାର୍ଥରେ ମହାତ୍ମା ପଦବାଚ୍ୟ। ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନାସ୍ପଦ କରାଇଥାଏ।

**ତପସ୍ୱିନୀ ପଟ୍ଟନାୟକ, ଅଧ୍ୟକ୍ଷା, ଡ୍ରିମ୍ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ, ଦୂରଭାଷ : ୯୯୩୭୩୩୧୧୪୦**


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2556786, Fax : 0674-2550504
Email.: yagyaanusthan@sify.com

Gyandeep THE CRECHE

Pragyan Communication




# ୩ ଦଫା ଦାବୀ ପୂରଣ ନେଇ କନ୍ଧମାଳ ପିପୁଲ୍ସ ଫରୋମ ପକ୍ଷରୁ ୧୨ଘଂଟିଆ ଧାରଣା



ଫୁଲବାଣୀ,(ପିଏନ): ୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ୩ ଦଫା ଦାବୀ ପୂରଣ ନେଇ କନ୍ଧମାଳ ପିପୁଲ୍ସ ଫରୋମ ପକ୍ଷରୁ ଫୁଲବାଣୀର ଗାନ୍ଧୀଛକ ସ୍ଥିତ ଜାତୀର ପିତା ମାହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ତଳେ ୧୨ ଘଂଟିଆ ଗଣଧାରଣା ଦିଆଯାଇଥିଲା। ବିଶେଷକରି ଫୁଲବାଣୀ ଠାରେ ଏକ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା, କନ୍ଧମାଳକୁ ରେଳ ସଂଯୋଗିକରଣ ଓ କନ୍ଧମାଳ ଜିଲ୍ଲାର ସମସ୍ତଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ନେଇ ଦାବୀ କରିଥିଲେ ଆନ୍ଦୋଳନକାରୀ। ଏହି ଗଣଧାରଣାରେ କନ୍ଧମାଳ ପିପୁଲ୍ସ ଫରୋମର ଆବାହକ ତଥା ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ, ସଭାପତି ତଥା ସାମ୍ବାଦିକ ରାଧାମୋହନ ମହାପାତ୍ର, ରାଜା ତ୍ରିପାଠୀ, ମହାଦେବ ସାହୁ, ଦିଲିପ ମହାପାତ୍ର, ଉପସଭାପତି ମହମ୍ମଦ ସାକିଲ, ସଂଜୟ କହଁର, ରାଜୁ ନାୟକ, ବିଶ୍ୱରଂଜନ ସାମନ୍ତରାଏ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଫରୋମର ଏହି ଧାରଣାରେ ସମସ୍ତ ରାଜନୈତିକ ଦଳ ସମେତ ଠିକାଦାର ସଂଘ, ବସ ମାଲିକ ସଂଘ, ସ୍ୱୟଂ ସହାୟକ ସଂଗଠନ ଓ ମହାସଂଘ, ଆଇ.ଏନ.ଟି.ୟୁ.ସି, ପାଣ ସମାଜ ଆଦି ଅନେକ ସଂଗଠନ ସହଯୋଗର ହାତ ବଢାଇ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସଂପାଦକ ଭଗବାନ ମହାନ୍ତି, ବରିଷ୍ଠ ବିଜେପି ନେତା କମଳାକାନ୍ତ ପାଣ୍ଡେ, ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପାଣ ସମାଜର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ବେହେରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନର ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ କାଉନସିଲର ତଥା ବିଜେପି ନେତା ଗୌରୀ ଶଙ୍କର ପଟ୍ଟନାୟକ, ଆଇଏନଟିୟୁସି ନେତା ଘନ କୁମାର ଶବର, ମହିଳା ଏସଏଚଜି ନେତ୍ରୀ ସଂଯୁକ୍ତା ବିଶୋୟୀ, ଆଇନଜିବୀ ମନୋରଂଜନ ମହାନ୍ତି, ରମେଶ ମହାନ୍ତି ପ୍ରମୁଖ ଧାରଣାରେ ବସିଥିଲେ। ସେହିପରି ଗଣମାଧ୍ୟମ ପ୍ରତିନିଧି ତାରିଣି ପାଢୀ, ବ୍ରଜ ନନ୍ଦ, ସୂର୍ଯ୍ୟ ବେହେରା, ସତ୍ୟନାରାୟଣ ବେହେରା, ସୂର୍ଯ୍ୟ ନାଏକ, ସଦାଶିବ ପାତ୍ର, ଶିବ ବିଶ୍ୱାଳ, ସୁନିଲ ବିଶ୍ୱାଳ, ସୁଜିତ ବେହେରା, ଅଜିତ ମହାରଣା, ମୁନା ଦିଗାଲ, ଅନନ୍ତ ଦିଗାଲ, କୁନା ଦିଗାଲ, ପ୍ରମୋଦ ନାଏକ, ହୁରଂଜନ ସେଠୀ, ଦୁଃଖିଶ୍ୟାମ ପ୍ରଧାନ, ପ୍ରଶାନ୍ତ ଜେନା, ବଟକୃଷ୍ଣ ବିହାରୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପିପୁଲ୍ସ ଫରୋମ ପକ୍ଷରୁ ଗତ ୨୨ ରୁ ଏହି ଦାବୀକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପୋଷ୍ଟକାର୍ଡ ଅଭିଯାନ ଜାରୀ ରହିଥିବା ବେଳେ ୨୫ ରେ ଫୁଲବାଣୀର ବିଜୁ ପଟ୍ଟନାୟକ ଛକ ଠାରେ ଏକ ସମୁହ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା। ଆଗାମୀ ଦିନରେ ୧ ଲକ୍ଷ ଲୋକଙ୍କ ଦସ୍ତଖତ ସଂଗ୍ରହ କରିବା ପାଇଁ ଏକ ସୁସଜ୍ଜିତ ଗାଡି ବ୍ଲକ ଓ ପଂଚାୟତ ଗସ୍ତ କରିବାସହ ଲୋକମାନଙ୍କ ସମର୍ଥନ ହାସଲ ସହ ସଚେତନତା ସୃଷ୍ଟି କରିବ। ଦାବୀ ପୂରଣ ହେଲାଯାଏଁ ଆନ୍ଦୋଳନ ଜାରୀ ରହିବ ବୋଲି କନ୍ଧମାଳ ପିପୁଲ୍ସ ଫରୋମର ଆବାହକ ସୁନିଲ ପଟ୍ଟନାୟକ ଓ ସଭାପତି ରାଧାମୋହନ ମହାପାତ୍ର କହିଛନ୍ତି।

# ଉତ୍କଳ ଆଲୁମିନା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳାଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଲାଗି 'ସୂର୍ଯ୍ୟୋଦୟ' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ଗାନ୍ଧୀ ଜୟନ୍ତୀ ଅବସରରେ ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନି ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ) ପକ୍ଷରୁ ରାୟଗଡ଼ା ଜିଲ୍ଲା ପ୍ରଶାସନ ସହିତ ମିଶି ସୂର୍ଯ୍ୟୋଦୟ ନାମକ ଏକ ଅତ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉନ୍ମୋଚନ କରାଯାଇଛି ଯାହା ହେଉଛି ଏକ ପ୍ରକାରର ନର୍ସରି ପ୍ରକଳ୍ପ ଯେଉଁଥିରେ ମହିଳା ଦଳକୁ ବ୍ୟବସାୟୀ ସହଯୋଗୀ ଏବଂ ସେମାନଙ୍କୁ କୃଷି ଉଦ୍ୟୋଗୀ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି କାର୍ଯ୍ୟକ୍ରମକୁ କାଇପୁରର ତହସିଲଦାର ଶ୍ରୀଯୁକ୍ତ ସୌଭାଗ୍ୟ ବେହେରା ଓ ବିଡିଓ ଶ୍ରୀଯୁକ୍ତ ବେଦବର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। କାଶିପୁରର ତହସିଲଦାର ଶ୍ରୀଯୁକ୍ତ ସୌଭାଗ୍ୟ ବେହେରା ଆଗେଇ ଆସିଥିବା ମହିଳା ଦଳ ଏବଂ ଏଭଳି ଏକ କାର୍ଯ୍ୟକ୍ରମର ଶୁଭାରମ୍ଭକୁ ପ୍ରଶଂସା କରିଛନ୍ତି। ଏହି ପ୍ରକଳ୍ପକୁ କେବଳ ଓଡ଼ିଶା ପାଇଁ ନୁହେଁ ଜାତୀୟ ସ୍ତର ଲାଗି ରୋଲ୍ ମଡେଲ୍‌ରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି ଏବଂ ଏହି ଅଂଚଳରେ ସାମାଜିକ ଉଦ୍ୟମିତା ଲାଗି ଏଭଳି ଧରଣର ମଡେଲ୍ ଆଣିଥିବାରୁ ୟୁଏଆଇଏଲ୍‌କୁ ପ୍ରଶଂସା କରିଛନ୍ତି। ସେ ଦୋହରାଇଛନ୍ତି ଯେ ଏହି ସମାନ ପ୍ରକଳ୍ପକୁ ଓଡ଼ିଶାର ଅନ୍ୟାନ୍ୟ ଖଣି ଅଂଚଳରେ ଲାଗୁ କରାଯାଇପାରିବ। ଶ୍ରୀଯୁକ୍ତ ବେଦବର ପ୍ରଧାନ, ବିଡିଓ, କାଶିପୁର ମହିଳା ଦଳକୁ ଯେକୌଣସି ପରିସ୍ଥିତିରେ ମଧ୍ୟ ପ୍ରକଳ୍ପକୁ ପରିଚାଳନା କରି ଅନ୍ୟ ଲୋକଙ୍କ ପାଇଁ ଉଦାହରଣ ପାଲଟିବାକୁ କହିଛନ୍ତି। ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଶ୍ରୀଯୁକ୍ତ ଟି ଏମ୍ ପ୍ରକାଶ, ଭିପି-ଏଚ୍ଆର୍ କହିଛନ୍ତି ଯେ, "ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରକାର ଚାରାବନୀକରଣ ଏବଂ ଅଣ ବନୀକରଣ ଜରିଆରେ ଏକ ସାମାଜିକ ସଂସ୍ଥା ସ୍ଥାପନ କରିବା ଯାହା ଅଧୀନରେ ମହିଳା ଦଳ ସହିତ ସ୍ଥାନୀୟ ବ୍ୟବସାୟ ସହଯୋଗୀ ରହିବେ। ୟୁଏଆଇଏଲ୍ ଏହାର ବ୍ୟବସାୟ ସହଯୋଗୀମାନଙ୍କ ସହ ମିଶି ମହିଳା ମାନଙ୍କୁ ନିଜର ସଂସ୍ଥା ଆରମ୍ଭ କରିବାକୁ ଅନୁପ୍ରାଣିତ କରିବେ ଯାହା ସେମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବ। ଏହି ସ୍ୱତନ୍ତ୍ର ଯୋଗାଣ ପ୍ରକ୍ରିୟାରେ ମହିଳା ଦଳ ଏବଂ ବ୍ୟବସାୟୀ ସହଯୋଗୀ ମିଶି ସାମାଜିକ ସଂସ୍ଥା ଆରମ୍ଭ କରିବେ ଏବଂ ଲାଭକୁ ସେମାନଙ୍କ ମଧ୍ୟରେ ବାଂଟିପାରିବେ। ୟୁଏଆଇଏଲ୍ ସେହି ସାପ୍ଲିଂ (ଚାରା)ଗୁଡ଼ିକୁ କିଣିବ ଏବଂ ସେମାନଙ୍କୁ ନର୍ସରି ସ୍ଥାପନ କରିବାର ସହାୟତା ଦେବା ସହିତ ବାଏ ବ୍ୟାକ୍ ଗ୍ୟାରେଂଟି ପ୍ରଦାନ କରିବ।''ସେ ପୁଣି କହିଛନ୍ତି ଯେ, ଏହି ସଂସ୍ଥା ଆରମ୍ଭ କରିବା ଲାଗି ୟୁଏଆଇଏଲ୍ ସବୁ ପ୍ରକାର ସହାୟତା ପ୍ରଦାନ କରିବ ଏବଂ ଏହା ନିଶ୍ଚିତ କରିବ ଯେ ନର୍ସରିରୁ ଚାରା କରିବାର ଏକ ନିରନ୍ତର ଗ୍ରାହକ ହେବ ୟୁଏଆଇଏଲ୍ ।ପାଇକକୁପଖାଲର ସ୍ଥାନୀୟ ଗ୍ରାମବାସୀ ଶ୍ରୀଯୁକ୍ତ ଗୁଣନିଧି ବାଗ ଏବଂ ଶଙ୍କରି ନାୟକ ମଧ୍ୟ ଏହି ଅବସରରେ ଅଭିଭାଷଣ ଦେଇଥିଲେ ଏବଂ ମହିଳାଙ୍କ ଜୀବିକା ଲାଗି ସେମାନଙ୍କ ଗ୍ରାମ ସହିତ ମିଶି ଏଭଳି ସଂସ୍ଥା ଆରମ୍ଭ କରୁଥିବାରୁ କଂପାନିକୁ ଧନ୍ୟବାଦ ଦେଇଥିଲେ।



# ଆରଟିଓ ପକ୍ଷରୁ ଉଚ୍ଛେଦ ହେଲା ଚାଳି

ବାଲେଶ୍ୱର,୩/୧୦(ପିଏନ): ବାଲେଶ୍ୱର ଆରଟିଓ ଅଫିସ ଆଗରେ ଥିବା ଦଲାଲଙ୍କ ଚାଳି ଭାଙ୍ଗିଛି ପ୍ରଶାସନ। ପ୍ରଥମେ ମେଡିକାଲ ଓ ଆରଟିଓ ପରିସରରୁ ଦଲାଲଙ୍କୁ ଗିରଫ କରିବା ପରେ ପ୍ରଶାସନ ପକ୍ଷରୁ ଆରଟିଓ ଅଫିସ ନିକଟରେ ଥିବା ଦଲାଲଙ୍କ ଚାଳିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଇଛି। ସୂଚନାଯୋଗ୍ୟ ଯେ ଗାଡିଚାଳକଙ୍କୁ ଲାଇସେନ୍ସ କରାଇଦେବା ପାଇଁ ଏହି ଚାଳିରେ ଦଲାଲମାନେ ଆଡ୍ଡା ଜମାଉଥିଲେ। ଗୁରୁବରା ପ୍ରଶାସନ ପକ୍ଷରୁ ଏହି ଚାଳି ଉପରେ ବୁଲଡୋଜର ବୁଲିଥିଲା ବେଳେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୧୦ ରୁ ଉର୍ଦ୍ଧ୍ୱ ଚାଳି ହଟିଥିବା ବେଳେ ଥଇଥାନ ପାଇଁ କିଛି ଚାଳି ମାଲିକ ଦାବି କରିଛନ୍ତି। ମାଜିଷ୍ଟ୍ରେଟ୍ ଭାବେ ସଦର ତହସିଲଦାର ଓ ଶିଳ୍ପାଞ୍ଚଳ ଥାନା ପୁଲିସ ସହ ଏକ ପ୍ଲାଟୁନ୍ ଫୋର୍ସ ମୂତୟନ କରାଯାଇଥିଲା ।ଗତ ବୁଧବାର 'ମୋ ସରକାର' ଲାଗୁ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ ଜନସାଧାରଣଙ୍କୁ ଯୋଗାଯୋଗ କରି ସରକାରୀ ସେବାର ଠିକ୍ ସୁବିଧା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ବୁଝୁଥିବା ବେଳେ ଦଲାଲଙ୍କୁ ସାବାଡ୍ କରିବା ପାଇଁ ଏହି ଅଭିଯାନ ଜାରି ହୋଇଥିବା କୁହାଯାଉଛି।

# ଭୟଙ୍କର ବିସ୍ଫୋରଣରେ ଉଡିଲା ଛାତ ଓ କାନ୍ଥ

ବାଲେଶ୍ୱର,୩/୧୦(ପିଏନ): ରେମୁଣା ଥାନା ଅନ୍ତର୍ଗତ ଅଚ୍ୟୁତପୁରର ଅଞ୍ଚଳରେ ଆଜି ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ଫଳରେ ଘରର ଛାତ ଏବଂ କାନ୍ଥ ଉଡିଯାଇଛି। ବିସ୍ଫୋରଣରେ ଏତେ ଜୋର ଶବ୍ଦ ହେଲା ଯେ ଅଧ କିଲୋମିଟର ପର୍ଯ୍ୟନ୍ତ ବିସ୍ଫୋରଣ ଶବ୍ଦ ଶୁଭୁଥିଲା। ଅଚ୍ୟୁତପୁରର କାଳୀଚରଣ ମହାପାତ୍ରଙ୍କ ତିନି ମହଲା ଘରର ଉପର ତାଲାରେ ଭଡା ରହୁଥିବା ଶ୍ରୀଧର ମହାନ୍ତିଙ୍କ ଘରେ ବିସ୍ଫୋରଣ ଘଟିବା ସହ ଛାତ ଉଡିଯାଇଥିଲା। ବିସ୍ଫୋରଣର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଭଡାଟିଆ ଶ୍ରୀଧର ମହାନ୍ତି ଫେରାର ହୋଇଯାଇଥିବା ଜଣାପଡିଛି। ଏହି ବିସ୍ଫୋରଣରେ ଘରର ଆସବାପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘରକୁ ସିଲ୍ କରିଥିଲା। ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତନଖି କରିବା ପରେ ବାଣ ବିସ୍ଫୋରଣ ଯୋଗୁଁ ଏହା ହୋଇଥିବା ଜଣାପଡିଛି ଏବଂ ସେହି ଘରେ ବାଣ କେଉଁ ଉଦ୍ଦେଶ୍ୟରେ ଗଚ୍ଛିତ ହୋଇ ରହିଥିଲା ତାହା ଜଣାପଡିନାହିଁ। ପୁଲିସ କାଳୀଚରଣ ମହାପାତ୍ରଙ୍କ ପୁଅ ସଜନ ମହାପାତ୍ର (୩୫) ଅଟକ ରଖି ପଚରାଉଚୁରା ଜାରି ରଖିଛି।

# କେନ୍ଦୁଝର: ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଫଟୋ ଓ ପୁସ୍ତକ ପ୍ରଦର୍ଶନୀ



କେନ୍ଦୁଝର, (ପିଏନ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧିଜୀଙ୍କ ସମ୍ପର୍କିତ ଫଟୋ ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଚଳିତ ଅକ୍ଟୋବର ୩ ତାରିଖ ଗୁରୁବାର ଦିନ ପୂର୍ବାହ୍ନ ୧୦ଟା୩୦ମି. ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉକ୍ତ ଫଟୋ ଓ ପୁସ୍ତକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ, ବାଲ୍ୟକାଳ, ଛାତ୍ରାବସ୍ଥା, ବିଲାତ ଯାତ୍ରା, ଦକ୍ଷିଣ ଆଫ୍ରିକାଠାରେ ଅବସ୍ଥାନ, ଭାରତ ଫେରିବାପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ, ବିଶିଷ୍ଟ ନେତା/ବ୍ୟକ୍ତିମାନଙ୍କ ସହ ସାକ୍ଷାତ ଓ ଆଲୋଚନା, ସ୍ୱାଧୀନତା ପ୍ରାପ୍ତି ପରେ ମହାତ୍ମା ଗାନ୍ଧିଙ୍କ ଫଟୋଚିତ୍ର, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ସ୍ୱାଧୀନତା ପରବର୍ତ୍ତୀ ଗାନ୍ଧିଜୀଙ୍କ ସମ୍ପର୍କିତ ଖବରକାଗଜ,ପୁସ୍ତକ ଉକ୍ତ ପ୍ରଦର୍ଶନୀରେ ସ୍ଥାନ ପାଇଛି। ସୂଚନାଯୋଗ୍ୟଯେ, ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ଖ୍ୟାତିସମ୍ପନ୍ନ ସଂଗ୍ରାହକ ସୁଜିତ୍ ପଟ୍ଟନାୟକଙ୍କ ସହଯୋଗରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି। ଉକ୍ତ ପ୍ରଦର୍ଶନୀରେ ଗାନ୍ଧିଜୀଙ୍କ ସମ୍ପର୍କିତ ବିଭିନ୍ନ ଖବରକାଗଜ ସହ ୧୨ଟି ଭାଷାର ୧୫୦ଟି ପୁସ୍ତକ, ୧୫୦ ପେନ୍‌ସିଲ୍ ସମେତ ବିଭିନ୍ନ ପର୍ଯ୍ୟାୟରେ ସ୍ୱାଧୀନତା ଆନ୍ଦୋଳନର ସ୍ଥିତି ସମ୍ପର୍କିତ ମାନଚିତ୍ର ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀ ଦେଖିବା ପାଇଁ ଛାତ୍ରଛାତ୍ରୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କର ଭିଡ ଲାଗି ରହିଛି। ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗଣମାଧ୍ୟମର ପ୍ରତିନିଧି ତଥା ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ଜାତିର ଜନକ ମହାତ୍ମାଗାନ୍ଧିଙ୍କ ସମ୍ପର୍କରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ଅଧିକ ଜଣାଇବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନୀ ଆୟୋଜିତ କରାଯାଇଛି। ଏହି ପ୍ରଦର୍ଶନୀ ଦେଖିବାର ସୁଯୋଗ ନେବା ସହିତ ସାଫଲ୍ୟମଣ୍ଡିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରଦର୍ଶନୀ ତା୪/୧୦/୨୦୧୯ରିଖ ପର୍ଯ୍ୟନ୍ତ ଚାଲିବ।

# ୟୁନିଅନ୍ ବ୍ୟାଙ୍କ ପକ୍ଷରୁ ରେପୋ ଲିଙ୍କଡ୍ ବ୍ୟକ୍ତିଗତ, ଖୁଚୁରା ଓ ଏମ୍ଏସ୍ଇ ଋଣର ଶୁଭାରମ୍ଭ

ଭୁବନେଶ୍ୱର: ସୁଧ ହାରରେ ସଠିକ୍ ପ୍ରତିଫଳନ ଆଣିବାଲାଗି ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆରବିଆଇର ଦିଶାନିର୍ଦ୍ଦେଶ ଅନୁସାରେ ଖୁଚୁରା, ଲଘୁ ଏବଂ ମଧ୍ୟମ ବର୍ଗର ସଂସ୍ଥାର କ୍ଷେତ୍ର ପାଇଁ ସମସ୍ତ ନୂଆ ଫ୍ଲୋଟିଂ ରେଟ୍ ଋଣ ନିମନ୍ତେ ଏକ୍ସଟର୍ନାଲ୍ ବେଂଚମାର୍କ ଲେଣ୍ଡିଂ ରେଟ୍ (ଇବିଏଲ୍ଆର୍)ର ଶୁଭାରମ୍ଭ କରାଯାଇଛି। ୨୦୧୯ ଅକ୍ଟୋବର ୧ ଠାରୁ ଲାଗୁ ହୋଇଥିବା ଏହି ସବୁ କ୍ଷେତ୍ରଗୁଡ଼ିକ ଲାଗି ନୂଆ ଫ୍ଲୋଟିଂ ଦରକୁ ରିଜର୍ଭ ବ୍ୟାଙ୍କର ନୀତିଗତ ରେପୋ ହାର ସହ ଯୋଡ଼ାଯିବ। ୨୦୧୯ ଅକ୍ଟୋବର ୧ରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୮.୨୫%ରେ ଫିକ୍ସଡ୍ ଏକ୍ସଟର୍ନାଲ୍ ବେଂଚ୍‌ମାର୍କ ଲେଣ୍ଡିଂ ରେଟ୍ (ଇବିଏଲ୍ଆର୍) ଧାର୍ଯ୍ୟ କରାଯାଇଛି। ବିଭିନ୍ନ ସ୍କିମ୍ ପାଇଁ ପ୍ରଯୁଜ୍ୟ ରେଟ୍ ହେବ ଇବିଏଲ୍ଆର୍ ସହିତ ଉତ୍ପାଦ ଉପରେ ପ୍ରିମିୟମ୍।ଇବିଏଲ୍ଆର୍‌କୁ ରିଜର୍ଭ ବ୍ୟାଙ୍କର ରେପୋ ରେଟ୍ ସହ ଯୋଡ଼ାଯାଇଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନୀତି ରେପୋ ରେଟ୍‌ରେ ଯାହା ପରିବର୍ତ୍ତନ ହେବ ତାହାର ଲାଭ ସ୍ୱୟଂକ୍ରିୟ ଭାବେ ଗ୍ରାହକଙ୍କ ପାଖରେ ପହଂଚିବ।୨୦୧୯ ଅକ୍ଟୋବର ୧ରୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ଏଲ୍‌ସିଏଲ୍ଆର୍‌ରେ ୦.୦୫% ହ୍ରାସ କରାଯାଇଛି।

# ଚରମ୍ପା ଗଳାପୋଲ ସମ୍ପ୍ରସାରଣ କମିଟିର ସାଧାରଣ ସଭା

ଭଦ୍ରକ, (ପିଏନ)- ଚରମ୍ପାସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ସଭାଗୃହରେ ପ୍ରଫୁଲ୍ଲ ନାୟକ ଓ କଲ୍ଲୋଳ ଲେଙ୍କାଙ୍କ ଆବାହନ କ୍ରମେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଅଧକ୍ଷତା କରିଥିବା ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ନରେନ ପଲାଇ ସଭାକୁ ଅବଗତ କରାଇଥିଲେ କି, ପୂର୍ବରୁ ଚରମ୍ପା ଗଳାପୋଲ ସମ୍ପ୍ରସାରଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ, ପଦସ୍ଥ ରାଜନେତା ତଥା ପ୍ରଶାସନିକ ଅଧିକାରୀମାନଙ୍କୁ ଅବଗତ କରାଇ ଆସିଥିଲେ। ତା ୧୮.୦୨.୨୦୧୯ ରିଖ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ଅଧିକାରୀ ପୋଲଟିର ସମ୍ପ୍ରସାରଣ ପାଇଁ ଏକ ସହମତି ପତ୍ର ପ୍ରଦାନ କରିବା ସହ ତିନିମାସ ପର୍ଯ୍ୟନ୍ତ ଡାହାଣୀ ଗଡ଼ିଆ ଠାରୁ ଚରମ୍ପା ଆଇ.ଟି.ଆଇ. ଛକ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବ।

ମାତ୍ର ତା. ୦୯.୦୬.୨୦୧୮ରିଖ କାର୍ଯ୍ୟ ଆରମ୍ଭ ହେବାରୁ ଆମେ ଅବଗତ ହେଲୁ ଯେ, ଗଳାପୋଲଟି ସମ୍ପ୍ରସାରିତ ନହୋଇ ଆଇ.ଟି.ଆଇ. କେନାଲ ପାଖରେ ଏକ ଉଡ଼ନ୍ତା ପୋଲ ହେବାକୁ ଯାଉଛି ବୋଲି ବୋଲି ସଭାକୁ ଅବଗତ କରାଇଥିଲେ। ସଭାରେ ଉପସ୍ଥିତ ଥିବା ଶ୍ରୀଯୁକ୍ତ ରତିକାନ୍ତ ପରିଡ଼ା ଓ ଶ୍ରୀଯୁକ୍ତ ଅଶୋକ ପରିଡ଼ା କହିଲେ କି, ଯାହା ଆମର ପୂର୍ବ ଦାବି ରହିଥିଲା "ଚରମ୍ପାସ୍ଥ ଗଳାପୋଲଟିକୁ ଭଦ୍ରକ ବନ୍ତଛକ ଅନୁରୂପ ଏକ ଉଡ଼ନ୍ତା ପୋଲ କରିବାପାଇଁ", ତାହା ଧାର୍ଯ୍ୟ ରହିଲେ ଚରମ୍ପାର ଟ୍ରାଫିକ୍ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ସବୁଦିନପାଇଁ ଦୂର ହେବ। ଏତଦ୍‌ଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା।

ସଭାରେ ଉପସ୍ଥିତ ଥିବା ସଦସ୍ୟଙ୍କ ସମର୍ଥନ ଓ ପ୍ରସ୍ତାବନା ମୂଳେ ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ପ୍ରଫୁଲ୍ଲ ନାୟକ, ଆବାହକ ଶ୍ରୀଯୁକ୍ତ କଲ୍ଲୋଲେଙ୍କା କାର୍ଯ୍ୟକାରୀ ସଭ୍ୟଭାବରେ ନିଯୁକ୍ତ ହେଲେ। ଉପସ୍ଥିତଥିବା ସଦସ୍ୟ ଯଥା ପୂର୍ବତନ ସରପଂଚ ରତ୍ନାକର ସାମଲ, ସଞ୍ଜୀବ ମହାନ୍ତି, ସୁବ୍ରତ ଦାସ, ଅଶୋକ ମହାନ୍ତି, ଲକ୍ଷ୍ମୀଧର ରାଉତ, ଗଜେନ୍ଦ୍ର ବେହେରା, ରାଜକିଶୋର ବାଇତି, ବିଦ୍ୟାଧର ବାରିକ, ମଦନ ମହାନ୍ତି, ବିଭୂତିଭୂଷଣ ସାହୁ, ସୁକାନ୍ତ ଦାସ ଏବଂ ପୂର୍ଣ୍ଣ ସଭାର ସହମତିକ୍ରମେ ଆଜିର ବୈଠକ ନିଷ୍ପତି ନେଇଥିଲା କି ଏହାକୁ ଭଦ୍ରକ ନିର୍ବାଚିତ ସାଂସଦ, ବିଧାୟକ ଓ ଜିଲ୍ଲାପ୍ରସାସନିକ ଅଧିକାରୀ ଏବଂ ଜାତୀୟ ରାଜପଥ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବାକୁ ନିଷ୍ପତି ନେଇଥିଲା। ଉକ୍ତ ଗଳାପଲୋଟିକୁ ସମ୍ପ୍ରସାରିତ କରାଇ ଟ୍ରାଫିକ୍ ସମସ୍ୟାର ଆସୁ ସମାଧାନ କରିବା ପର୍ଯ୍ୟନ୍ତ ଆମେ ଲାଗିରହିବା ବୋଲି ଆଜିର ବୈଠକରେ ଉପସ୍ଥିତ ରହିଥିବା ସମସ୍ତ ସଦସ୍ୟ ସମତିକ୍ରମେ ନିଷ୍ପତି ନେଇଥିଲେ।

# ୟୁକ୍ରେନରେ ଏମ୍‌ବିବିସ୍ ଶିକ୍ଷାର ସୁଯୋଗ ଦେଉଛି ଗ୍ଲୋବାଲ୍ ଫୋକସ୍




ପ୍ରତିଷ୍ଠାନ ଗୁଡ଼ିକରେ ନାମ ଲେଖେଇବାର ସୁଯୋଗ ପାଇପାରିବେ। ସେହିଭଳି ଛାତ୍ରଛାତ୍ରୀ ସେଠାରେ କିଭଳି ଭଲଭାବେ ରହି ପାଠ ପଢ଼ିପାରିବେ ସେ ଦିଗକୁ ଜତ୍ନର ସହ ଗ୍ଲୋବାଲ ଫୋକସ୍ ସଦାବେଳେ ଧ୍ୟାନଦେଇ ଆସିଛି। ସେଠାର ସରକାରୀ ୟୁନିଭରସିଟି ଏବଂ ଖାଲକିବ ୟୁନିଭରସିଟି ଭଳି ଅନ୍ୟ ପ୍ରତିଷ୍ଠାନ ସହ ଗ୍ଲୋବାଲ ଫୋକସ୍ ସହ ଭାଗିତାରେ ସାମିଲ ହୋଇଛି। ବର୍ତ୍ତମାନ ସାରା ଦେଶରେ ୬୦୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏବଂ କେବଳ ଓଡ଼ିଶାରୁ ୧୦୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉକ୍ତ ସ୍ଥାନ ଗୁଡ଼ିକରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏମାନେ ସମସ୍ତେ ଭାରତୀୟ ତଥା ଓଡ଼ିଆ ପର୍ବ ପର୍ବାଣୀ ମଧ୍ୟ ପାଳନ କରୁଛନ୍ତି। ଗ୍ଲେବାଲ୍ ଫୋକସ୍‌ର ଏମ୍‌ଡ଼ି ଅବଦୁଲ୍ ଜାହିର୍ କୁହନ୍ତି ରାଜ୍ୟରେ ମାତ୍ର ୧୧୦୦ ମେଡ଼ିକାଲ ସିଟ୍ ରହିଥିବା ବେଳେ ୫୦୦୦୦ ଛାତ୍ରଛାତ୍ରୀ ମେଡ଼ିକାଲ ପଢ଼ିବାଲାଗି ପ୍ରବେସିକା ପରିକ୍ଷା ଦେଉଛନ୍ତି। ଘରୋଇ ମେଡ଼ିକାଲ କଲେଜ ଗୁଡ଼ିକ ତୁଳନାରେ ୟୁକ୍ରେନ୍‌ରେ ଡ଼ାକ୍ତରୀ ପଢ଼ିବା ଏକ ବିକଳ୍ପ ରହିଛି। ଏହା ସୁଲଭ ହୋଇଥିବାରୁ ଅବିଭାବକ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିଲାଗି ପ୍ରତିବର୍ଷ ଏଭଳି ସେମିନାର ଆୟୋଜନ କରାଯାଉଛି। ୟୁକ୍ରେନ୍‌ରେ ଶିକ୍ଷା ଗ୍ରହଣ ଲାଗି ପ୍ରଥମପ୍ରର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହେଇଥିବା ବେଳେ ଦ୍ୱିତିୟ ପ୍ରର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ଅବିଭାବକଙ୍କ ମନରେ ରହୁଥିବା ସଂଶୟ ବା ସଂଦେହ ଦୂର କରିବା ଦିଗରେ ପଦକ୍ଷେପ ନିଆଯାଉଛି।

ଭୁବନେଶ୍ୱର(ପିଏନ) : ୟୁକ୍ରେନ୍‌ରେ ଏମ୍‌ବିବିଏସ୍ ଡ଼ିଗ୍ରି ତଥା ମେଡ଼ିକେଲ୍ ଶିକ୍ଷା ପାଇଁ ଗ୍ଲୋବାଲ ଫୋକସ୍ ଏଜୁକେସନ୍ ଗ୍ରୃପ୍ ପକ୍ଷରୁ ପ୍ରତିବର୍ଷ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ସରକାରୀ ମେଡ଼ିକାଲ କଲେଜ ଗୁଡ଼ିକରେ ସିଟ୍ କମ୍ ରହିବା ଏବଂ ଦେୟବହୁଳ ମେଡ଼ିକାଲ୍ ଶିକ୍ଷା ଯୋଗୁଁ ଏହା ଅବିଭାବକଙ୍କ ଚିନ୍ତାର କାରଣ ହୋଇଥାଏ। ଏପରି ସ୍ଥିତିରେ ଇରୋପିୟ ଦେଶ ୟୁକ୍ରେନ୍‌ରେ ନେସ୍‌ନାଲ ମେଡ଼ିକାଲ ୟୁନିଭର୍‌ସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡ଼ିକାଲ ପ୍ରତିଷ୍ଠାନ ମାନଙ୍କରେ ଡ଼ାକ୍ତରୀ ଶିକ୍ଷା ଗ୍ରହଣର ସୁଯୋଗ ଦଉଛି ଗ୍ଲୋବାଲ ଫୋକସ୍ । ସେଠାରେ ଶିକ୍ଷା ଗ୍ରହଣ ସହ ରହିବା, ଭାରତୀୟ ଖାଦ୍ୟ ପେୟ ଏବଂ ସଂସ୍କୃତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସେମିନାର୍ ଆୟୋଜନ ହୋଟେଲ୍ ସିଟଲ୍‌ରେ କରାଯାଇଛି। ଏହି ସେମିନାରରେ ବର୍ତ୍ତମାନ ୟୁକ୍ରେନ୍‌ରେ ଗ୍ଲେବାଲ୍ ଫୋକସ୍ ମାଧମରେ ଡ଼ାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା କେତେକ ଛାତ୍ରଛାତ୍ରୀ ଓ ଅବିଭାବକଙ୍କୁ ନିମନ୍ତ୍ରତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଏମାନଙ୍କ ଦ୍ୱାରା ପଚାରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର ଗ୍ଲୋବାଲ ଫୋକସ୍‌ର କାଉଁସେଲର ମାନେ ରଖିଛନ୍ତି। ୟୁକ୍ରେନ୍‌ର ଏହି ମେଡ଼ିକାଲ ପ୍ରତିଷ୍ଠାନ ଗୁଡ଼ିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ମେଡ଼ିକାଲ୍ କାଉନ୍‌ସିଲ ଅଫ ଇଣ୍ଡିଆ ଦ୍ୱାରା ସିକୃତି ପ୍ରାପ୍ତ। ଛାତ୍ରଛାତ୍ରୀ ନିଟ୍‌ରେ ସଫଳ ହୋଇଥିଲେ ୟୁକ୍ରେନ୍‌ରେ ଏହି



# ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ

ମାଲକାନଗିରି, (ପିଏନ)-ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୂଲ୍ୟରେ ଆଜି ୧୨.୬.୨୦୧୯ ରିଖରେ ମାଲକାନଗିରି ବ୍ଲକ ସ୍ଥିତ ଶିଖପଲ୍ଲୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ॥ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସହ ଶ୍ରମ ଅଧିକାରୀ ମାଲକାନଗିରି ପ୍ରସନ୍ନ କୁମାର ପ୍ରଧାନ ଶିଖପଲ୍ଲୀ ଗ୍ରାମ ପଂଚାୟତ ସରପଂଚ ଶ୍ରୀମତୀ ଆଡ଼ମେ ମଡ଼କାମୀ, ଅଧ୍ୟାପକ ଡା. ରଂଜନ କୁମାର ସ୍ୱାଇଁ, ସମାଜସେବୀ ବସନ୍ତ ନାୟ. ଆଇସିଡିଏସ ପରିଦର୍ଶିକା ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଶିଶୁ ଶ୍ରମିକ ବିରୋଧ ଆଇନ, ବିଭିନ୍ନ ଶ୍ରମ ଆଇନ, ଶ୍ଶିଶୁ ଅଧିକାର, ସମଭିଧାନରେ ପ୍ରଦତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାର ଭଳି ବିଭିନ୍ନ ଯୋଜନା ବିସ୍ତୃତ ଭାବରେ ସଚେତନତା କରିବା ସଂଗେ ସଂଗେ ଆଇନସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା, ମଧ୍ୟସ୍ଥିତା ଓ ଆପୋଷ ମିଳାମିଶା ମାଧ୍ଯମରେ ମାଲାର ସମାଧାନ ଏବଂ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରିଥିଲେ । ଶିବିରର ପରବର୍ତୀ ସମୟରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ଗ୍ରାମବାସୀଙ୍କୁ ନେଇ ଶିଶୁ ଶ୍ରମିକ ବିରେଧ ସ୍ଲୋଗାନ ଦେଇ ଏକ ପଦଯାତ୍ରା କରାଯାଇଥିଲା।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପର୍ଯ୍ୟବେକ୍ଷକର ୦୩.୧୦.୨୦୧୯ ରିଖ ସଂସ୍କରଣଟି ପ୍ରକାଶ ପାଇପାରିନଥିଲା। ଏହି ଅନିଚ୍ଛାକୃତି ତ୍ରୁଟି ପାଇଁ ଆମ୍ଭେ ଦୁଃଖିତ।

ପ୍ରକାଶକ

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday October 04 | ଭୁବନେଶ୍ୱର | ଶୁକ୍ରବାର, ଅକ୍ଟୋବର ୦୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com





ଦ୍ୱିଶତକ ପରେ ଭାରତୀୟ ଯୁବ ଓପନର ମୟଙ୍କ ଅଗ୍ରୱାଲ

## ୩୯ତମ ବିଶ୍ୱ କବି ସମ୍ମିଳନୀର ଦ୍ୱିତୀୟ ଦିବସ

# ବୌଦ୍ଧିକ କବିତା ଆମ ଜୀବନ ପଥକୁ ଆଲୋକିତ କରିଥାଏ

ଭୁବନେଶ୍ୱର, ୩।୧୦(ପିଏନ): ବୌଦ୍ଧିକ କବିତା ଆମ ଜୀବନ ପଥକୁ ଆଲୋକିତ କରିଥାଏ ବୋଲି ବିଜେପି ରାଷ୍ଟ୍ରୀୟ ଉପସଭାପତି ଶ୍ୟାମ୍ ଜାଜୁ ଗୁରୁବାର ପ୍ରକାଶ କରିଛନ୍ତି। ୩୯ତମ ବିଶ୍ୱ କବି ସମ୍ମିଳନୀର ଦ୍ୱିତୀୟ ଦିବସରେ ବୌଦ୍ଧିକ କବିତା ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ଜାଜୁ କହିଲେ, କବିତା ଆମକୁ ଯୋଡ଼ିଥାଏ। ବୌଦ୍ଧିକ କବିତା ଅନ୍ୟକୁ ବୁଝିବାରେ ସାହାଯ୍ୟ କରିଥାଏ। ଏହା ଆମକୁ ଘୃଣାରୁ ଭଲ ପାଇବା, ହିଂସାରୁ କ୍ଷମା ଆଡ଼କୁ ବଢ଼ାଇ ନେଇଥାଏ। ଏହା ଆମର ଜୀବନ ପଥକୁ ଆଲୋକିତ କରିଥାଏ। ବୌଦ୍ଧିକ କବିତା ଗୋଟିଏ ବୁଝାମଣାକୁ ପ୍ରକାଶିତ କରିଥାଏ। ଏହାକୁ ଆମେ ଅନୁଭବ କରିଥାଉ। ମହାକବି କାଳିଦାସ, ରବୀନ୍ଦ୍ରନାଥ ଟାଗୋର, ସରୋଜିନୀ ନାଇଡୁ, ଶ୍ରୀ ଅରବିନ୍ଦ ଏବଂ ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ଭାରତର ମହାନ ବୌଦ୍ଧିକ କବି। ମହାନ କବି କାଳିଦାସଙ୍କ କବିତାରେ ପ୍ରେମ, ଘୃଣା, ବିଶ୍ୱାସଘାତକତା, ସମ୍ବେଦନଶୀଳତା ଏବଂ କର୍ତ୍ତବ୍ୟ ଆଦି ମାନବିକ ଅନୁଭବ ସବୁ ପ୍ରତିଫଳିତ ହୋଇଥିବା ଦେଖିବାକୁ ମିଳେ। ନୈତିକତା ଆଧାରରେ ଆତ୍ମା ଓ ଦୟାକୁ କବିତା ହିଁ ଖୋରାକ ଯୋଗାଇଥାଏ। ବର୍ତ୍ତମାନ ସମୟରେ ସମାଜ ଦୟାଠାରୁ ବଳି ଅନ୍ୟ କିଛି ଆଶା କରେନାହିଁ। ଏଥିପାଇଁ ଆମକୁ ଦୟାଶୀଳ ଏବଂ ଭଲ ମଣିଷ ହେବାକୁ ପଡ଼ିବ। ସମାଜରେ ଦୟାକୁ ସୁନିଶ୍ଚିତ କରିବାରେ ସବୁଠୁ ବଡ଼ ମାଧ୍ୟମ ହେଉଛି କବିତା। ୱାର୍ଲ୍ଡ ଆକାଡେମୀ ଅଫ୍ ଆର୍ଟ୍ସ ଆଣ୍ଡ କଲ୍‌ଚର୍ (ୱାକ୍)ର ପ୍ରଥମ ଉପସଭାପତି ପ୍ରଫେସର ଅର୍ନେଷ୍ଟୋ କାହାନ କହିଲେ, ଆମର ସଭ୍ୟତା ହେଉଛି ୨ହଜାର ବର୍ଷ ପୁରୁଣା। ଏହି ୨ହଜାର ବର୍ଷରେ ୩ଶହ ପିଢ଼ି ଅତିକ୍ରମ କରିସାରିଛି। ବର୍ତ୍ତମାନ ପିଢ଼ି ନିକଟରେ ବିଶେଷ ଅଧିକାର ରହିଛି। ଆମ ନିକଟରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିକ୍ଷା ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ସମ୍ବଳ ରହିଛି। ଏସବୁ ସତ୍ତ୍ୱେ ଆଣବିକ ଶକ୍ତି ଦ୍ୱାରା ମାନବ ଜାତି ଧ୍ୱଂସ ପାଇଯିବା ସହ ଆମର ବିଶ୍ୱ ଧ୍ୱଂସ ପାଇଯିବାର ସମ୍ଭବନା ମଧ୍ୟ ରହିଛି। ଏହି ପରିପ୍ରେକ୍ଷୀରେ କବିତା ହେଉଛି ଉଭୟ ସୌନ୍ଦର୍ଯ୍ୟ ଓ ପ୍ରେମ। ଆମେ ଆମ ନିକଟରେ ଥିବା ବିଧ୍ୱଂସୀ କ୍ଷମତାକୁ କବିତା ମାଧ୍ୟମରେ ଦୂର କରି ଆମେ ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ସ୍ଥାପନ କରିପାରିବା ବୋଲି ପ୍ରଫେସର କାହାନ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ମହାନ୍ତି କହିଲେ, ଓଡ଼ିଶା ହେଉଛି ବୈଦ୍ଧିକ କବିତାର ଭୂମି। ପ୍ରକୃତରେ କବିତା ହେଉଛି ପ୍ରେମ ଓ ଦୟା। ଅତିବଡ଼ି ଜଗନ୍ନାଥ ଦାଶଙ୍କ ଦ୍ୱାରା ଲିଖିତ ଓଡ଼ିଆ ଭାଗବତ ହେଉଛି ସର୍ବପୁରାତନ ବୌଦ୍ଧିକ କବିତା ବୋଲି ସେ କହିଥିଲେ। ୩୯ତମ ବିଶ୍ୱ କବି ସମ୍ମିଳନୀର ସଭାପତି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ୱାକ୍‌ର ସାଧାରଣ ସଂପାଦିକା ଡ. ମାରିଆ ଇଉଜେନିଆ ସୋବେରନିସ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ କବୟିତ୍ରୀ ଓ ଲେଖିକା ପ୍ରବାସିନୀ ମହାକୁଡ଼, ମେ ଫେୟାର ହୋଟେଲ୍ ଆଣ୍ଡ ରିସର୍ଟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୌଭାଗ୍ୟ କୁମାର ମହାପାତ୍ର, ପୋଏଟ୍ରି ଆକ୍ରସ୍ କଲ୍‌ଚରର ସଭାପତି ଡ. ରିତା ମାଲହୋତ୍ରା ଏବଂ ଅଲିମ୍ପିଆନ୍ ଦୂତୀ ଚାନ୍ଦଙ୍କୁ ବିଶ୍ୱ କବି ସମ୍ମିଳନୀ ପକ୍ଷରୁ ସମ୍ମାନସୂଚକ ଡିପ୍ଲୋମା ପ୍ରଦାନ କରାଯାଇଥିଲା। ଆଜି ଦିନ ତମାମ କବିତା ମାଧ୍ୟମରେ ଦୟା ଉପରେ ଇଂରାଜୀ, ସ୍ପେନ୍, ଚୀନ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ସମାନ୍ତରାଳ କବିତା ପାଠ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ବିଶ୍ୱର ବିଭିନ୍ନ ଭାଷାରେ ୬୭ ଜଣ ଲେଖକଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା।



# ୱାଇଏମ୍‌ସି ପକ୍ଷରୁ ମହାତ୍ମାଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳିତ




ଭୁବନେଶ୍ୱର,(ପିଏନ)- ୱାଇଏମ୍‌ସି ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ର ୧୫୦ତମ ଜୟନ୍ତୀ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସମଗ୍ର ମାନବ ସମାଜ ପାଇଁ ମହାତ୍ମା ଗାନ୍ଧୀ ଶାନ୍ତି, ପ୍ରୀତି, ସତ୍ୟ ଓ ଅହିଂସା ର ଅମ୍ଳାନ ଆଲୋକ ବର୍ତିକା ବୋଲି ଆୟୋଜିତ ଏହି ୧୫୦ତମ ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ୱାଇଏମ୍‌ସିର ସାଧାରଣ ସଂପାଦକ ସୁଧାଂଶୁ ଶେଖର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ କର୍ମଶାଳା ଶୀର୍ଷକ ବର୍ତ୍ତମାନ ସମୟରେ ଅହିଂସା ଉପରେ ବକ୍ତାମାନେ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ । ପ୍ରାୟ ଦେଢଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନଙ୍କର ମତ ସାବ୍ୟସ୍ତ କରିବା ସହ କେବଳ ଦେଶରେ ନୁହେଁ ବିଶ୍ୱରେ ଶାନ୍ତି କିପରି ଫେରି ଆସିବ ସେଥିପାଇଁ ପ୍ରଚେଷ୍ଟା କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ୱାଇଏମ୍‌ସିର ସାଧାରଣ ସଂପାଦକ ଶ୍ରୀ ନାୟକ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବିଶ୍ୱରେ କିଭଳି ଶାନ୍ତି ଓ ଭାତୃତ୍ୱ ଭାବପରିଲକ୍ଷିତ ହେବ ସେ ସଂପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ବୁଦ୍ଧିଜିବୀମାନଙ୍କର ସୁଚିନ୍ତିତ ବକ୍ତବ୍ୟ ତଥା ଦେଶ ଓ ବିଶ୍ୱ ଗଠନରେ ଗାନ୍ଧିଜୀଙ୍କ ଅହିଂସାନୀତିକୁ ଆପଣାଇବାକୁ ସମସ୍ତେ ଚିନ୍ତାପ୍ରକଟ କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାଇଏମ୍‌ସିର ଅଚ୍ୟୁତ ରାଉତ, ପ୍ରତୀମା ଦିଗାଲ ଓ ବହୁ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ ।

# ଟାଟା ଷ୍ଟିଲ୍ କୁ ସମ୍ମାନଜନକ ଡୁନ୍ ଆଣ୍ଡ ବ୍ରାଡ୍‌ସିଟ୍ କର୍ପୋରେଟ୍ ପୁରସ୍କାର ୨୦୧୯

ଭୁବନେଶ୍ୱର, ୩୦/୫: କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବର୍ଗରେ କ୍ରମାଗତ ପଂଚମ ଥର ପାଇଁ ଟାଟା ଷ୍ଟିଲ୍ ସମ୍ମାନଜନକ ଡୁନ୍ ଆଣ୍ଡ ବ୍ରାଡସିଟ୍ କର୍ପୋରେଟ୍ ପୁରସ୍କାର ବିଜୟୀ ହୋଇଛି। ମୁମ୍ବାଇ ଠାରେ ଆୟୋଜନ କରାଯାଇଥିବା ଏକ ଭବ୍ୟ ସମାରୋହରେ ଟାଟା ଷ୍ଟିଲ୍‌ର ଉପସଭାପତି (କର୍ପୋରେଟ ସେବା) ଶ୍ରୀଯୁକ୍ତ ଚାଣକ୍ୟ ଚୌଧୁରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନେକ ବରିଷ୍ଠ ପ୍ରଶାସକ, କଂପାନିର ସିଇଓ,ବିଶିଷ୍ଟ କର୍ପୋରେଟ୍ ଲିଡର୍ ଓ ପେସାଦାରମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ଭାରତୀୟ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ୨୦୦୬ ପରଠାରୁ ଡୁନ୍ ଆଣ୍ଡ ବ୍ରାଡସିଟ୍ କର୍ପୋରେଟ୍ ପୁରସ୍କାର ପ୍ରଦାନ କରାଯାଉଛି। ବର୍ତମାନ ସୁଦ୍ଧା ଭାରତର ଶ୍ରେଷ୍ଠ ୫୦୦ କଂପାନିକୁ ଏହି ପୁରସ୍କାର ଦିଆଯାଇସାରିଲାଣି ଯେଉଁମାନେ ଦେଶ ପରିବର୍ତନରେ "ପରିବର୍ତନର ଚାମ୍ପିୟନ' ଭୂମିକା




ନିର୍ବାହ କରିଛନ୍ତି।
ଏହି ଅବସରରେ ଶ୍ରୀଯୁକ୍ତ ଚାଣକ୍ୟ ଚୌଧୁରୀ, ଉପସଭାପତି (କର୍ପୋରେଟ ସେବା), ଟାଟା ଷ୍ଟିଲ୍ କହିଛନ୍ତି ଯେ, "କର୍ପୋରେଟ୍ ସାମାଜିକ ଦାୟିତ୍ୱ କ୍ଷେତ୍ରରେ ଆମର ଉଦ୍ୟମକୁ ଡୁନ୍ ଆଣ୍ଡ ବ୍ରାଡସିଟ୍ ସ୍ୱୀକୃତି ପ୍ରଦାନ କରିଥିବାରୁ ଆମେ କୃତଜ୍ଞ। ଆମ ସିଏସ୍‌ଆର୍ ରଣନୀତିରେ ପରିବର୍ତନ ମଡେଲ୍‌କୁ ଉପସ୍ଥାପନ କରାଯାଉଛି ଯାହା ଭାରତରେ ମୌଳିକ ବିକାଶ ଅନ୍ତର ଉପରେ ପ୍ରଭାବ ପକାଉଛି। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି କରିବା ଏବଂ ପରିଚାଳିତ ହେଉଥିବା ଅଂଚଳର ବିକାଶରେ ଉନ୍ନତି ଆଣିବା-ଗୋଷ୍ଠୀ ବିକାଶକୁ କାର୍ଯ୍ୟକାରୀ କରିବା। ଏହା ବ୍ୟତୀତ ଟାଟା ଷ୍ଟିଲ୍ ଏହାର ସିଏସଆର୍ ପ୍ରଶାସନକୁ ସୁଦୃଢ଼ କରୁଛି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଜରିଆରେ ପ୍ରମୁଖ ଅଭିଯାନଗୁଡ଼ିକ ଜରିଆରେ ବିକାଶକୁ ତ୍ୱରାନ୍ୱିତ କରି ନିଜର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି।''
ଟାଟା ଷ୍ଟିଲ୍ ପକ୍ଷରୁ ଏହାର ସିଏସ୍‌ଆର୍ ଅଭିଯାନ ଜରିଆରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଜୀବିକା ସମେତ ଜଳ, ପରିମଳ, କ୍ରୀଡ଼ା, ସଶକ୍ତୀକରଣ, ଭିତିଭୂମି ସୃଷ୍ଟି ଏବଂ ଆଦିବାସୀ କଲ୍ୟାଣ ଆଦି ଦିଗରେ କାମ କରୁଛି। କଂପାନିର ଲକ୍ଷ୍ୟ ହେଉଛି ୨୦୨୫ ସୁଦ୍ଧା ୨ ନିୟୁତ ଲୋକଙ୍କ ଜୀବନକୁ ପ୍ରଭାବିତ କରିବା। ଜାତୀୟ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ କଂପାନି ସବୁ ବେଳେ ବିଭିନ୍ନ ସଂସ୍ଥା ସହ ସହଯୋଗିତା ସ୍ଥାପନ କରିବାର ସୁଯୋଗ ସନ୍ଧାନ କରୁଛି।
ଶିକ୍ଷା କ୍ଷେତ୍ରରେ ଏହାର ପ୍ରକ୍ୱିମେଟ୍ କମ୍ୟୁନିଟି ଡେଭେଲପମେଂଟ୍ ପ୍ରୋଗ୍ରାମ ଏବଂ ଟାଟା ଷ୍ଟିଲ୍ ସ୍କଲାରସିପ୍ ପ୍ରୋଗ୍ରାମ ଏବଂ ଜ୍ୟୋତି ଫେଲେସିପ୍ କାର୍ଯ୍ୟକାରୀ କରିଛି।

# ସମାଜବାଦୀ ପାର୍ଟି ପକ୍ଷରୁ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)-ସତ୍ୟ, ଅହିଂସାର ପୂଜାରୀ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ବରେଣ୍ୟ ଜନନାୟକ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ସମାଜବାଦୀ ପାର୍ଟି ଓଡ଼ିଶା ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ପାର୍କସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସକାଳ ୯ଟା ସମୟରେ ସେଠାରେ ମାଲ୍ୟାର୍ପଣ କରିଥିଲେ।
ଉପସ୍ଥିତ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ ସଭାପତି ଶ୍ରୀ ବେହେରା କହିଥିଲେ ଯେ, ବୁଦ୍ଧ ଓ ଯୀଶୁଙ୍କ ପରେ ଗାନ୍ଧୀ ହେଉଛନ୍ତି ବିଶ୍ୱବାସୀଙ୍କ ପାଖରେ ସବୁଠାରୁ ଆଦରଣୀୟ ବ୍ୟକ୍ତିତ୍ୱ। ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଏବଂ ବିଶ୍ୱ, ଶାନ୍ତି, ମୈତ୍ରୀ ଓ ଅହିଂସା କ୍ଷେତ୍ରକୁ ତାଙ୍କର ଅବଦାନ ମାନବ ସମାଜ ଇତିହାସରେ ଅବିସ୍ମରଣୀୟ। ସେଥିପାଇଁ ତାଙ୍କ ଜନ୍ମଦିନକୁ ଜାତିସଂଘ ପକ୍ଷରୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବରେ ପାଳନ କରାଯାଇଅଛି। ଆଜି ଦେଶରେ ଯେତେବେଳେ ଭିଡ଼ ହିଂସା ଯୋଗୁଁ ସାମ୍ପ୍ରଦାୟିକ ସଦଭାବନା ପରାହତ ହିନ୍ଦୁ ମୁସଲିମ ନାଁରେ ଦେଶର ବାସ୍ତବ ଚିତ୍ର ମଳିନ ପଡ଼ିଛି, ସେତିକିବେଳେ ଗାନ୍ଧିଜୀଙ୍କର ଆବଶ୍ୟକତା ଆହୁରି ଅଧିକ। ନାରୀ ସୁରକ୍ଷା, ଦରିଦ୍ର ପାଖରେ ଯୋଜନାରେ ସୁଫଳ ପହଂଚାଇବା, ଭୋକିଲା ପେଟକୁ ମୁଠାଏ ଦାନା, ଲଙ୍ଗଳା ଦେହକୁ ଖଣ୍ଡିଏ କନା ଓ ବେକାର ହାତକୁ କାମ ଆଜି ଗାନ୍ଧିଜୀଙ୍କ ୧୫୦ତମ ଜନ୍ମଦିବସ ଅବସରରେ ଆମ ସମସ୍ତ ପାଇଁ ସଂକଳ୍ପ ହେବା ଉଚିତ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ, ସୁଦର୍ଶନ ପ୍ରଧାନ, ବିଜୟ ବେହେରା, ସଞ୍ଜୟ ନାୟକ, ଯୁବନେତା ସୁବ୍ରତ ଲେଙ୍କା, ଦୀପଦାସ ଯାଦବ, ଦେବାଶିଷ ମହାପାତ୍ର, ତରୁଣ କୁମାର ଦାସ ଓ ନାରୀ ନେତ୍ରୀ ରୀତା ପଟ୍ଟନାୟକ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧସୁମନ ଅର୍ପଣ କରିଥିଲେ। ପରେ ଦଳୀୟ କାର୍ଯ୍ୟାଳୟ ଠାରେ ମହାତ୍ମା ଗାନ୍ଧୀ ଓ ଭାରତବର୍ଷର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଦଳୀୟ କର୍ମକର୍ତାମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# କ୍ଲାସ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ସହଯୋଗିତା

ଭୁବନେଶ୍ୱର: ଭାରତର ଅଗ୍ରଣୀ କୃଷି ଉପକରଣ ଉତ୍ପାଦନକାରୀ କ୍ଲାସ୍ ପକ୍ଷରୁ ଭୁବନେଶ୍ୱରର ଓଏଫ୍‌ଏମ୍‌ଆର୍‌ଡିସି କ୍ୟାମ୍ପସରେ ନୂଆ ଷ୍ଟେଟ ଅଫ୍ ଆର୍ଟ କ୍ଲାସ୍ ଏକାଡେମି ସ୍ଥାପନ କରିବା ପାଇଁ ଓଡ଼ିଶା ଫାର୍ମ ମେସିନାରି, ରିସର୍ଚ ଆଣ୍ଡ ଡେଭେଲପ୍‌ମେଂଟ୍ ସେଂଟର (ଓଏଫ୍‌ଏମ୍‌ଆର୍‌ଡିସି) ସହ ସହଯୋଗିତା ସ୍ଥାପନ କରାଯାଇଛି।
ଏହି ତାଲିମ ଏକାଡେମିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଯୁବପିଢ଼ି ଓ ନୂଆ ଏବଂ ପୁରୁଣା ମେସିନ୍ ମାଲିକଙ୍କୁ ମେସିନ୍ ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ବୈଷୟିକ ତାଲିମ ପ୍ରଦାନ କରିବା ଏବଂ କୃଷିକୁ ଏକ କ୍ୟାରିଅର ବିକଳ୍ପ ଭାବେ ଦେଖିବା ପାଇଁ ଇଂଜିନିୟରିଂ ଗ୍ରାଜୁଏଟମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା।
ଉଦ୍‌ଘାଟନ ହେବା ପରଠାରୁ ବଡ଼ ସଂଖ୍ୟାର ଛାତ୍ରଛାତ୍ରୀ ଓ ଟେକ୍ନିସିଆନ୍‌ମାନଙ୍କୁ ଏହି ଏକାଡେମିରେ କ୍ଲାସ୍‌ର କମ୍ବାଇନ ହାର୍ଭେଷ୍ଟର, ପାଡି ଟ୍ରାନ୍ସପ୍ଲାଂଟର ଓ ଅନ୍ୟାନ୍ୟ ମେସିନ ଉପରେ ତାଲିମ ପ୍ରଦାନ କରାଯାଇଛି। ଏହି ଏକାଡେମି ସ୍ଥାପନ କରିବା ହେଉଛି ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରତି କ୍ଲାସ୍‌ର ରହିଥିବା ପ୍ରତିବଦ୍ଧତାର ପ୍ରତିଫଳନ।
ଏହି ଅଭିଯାନ ବିଷୟରେ ମୃତ୍ୟୁଞ୍ଜୟ ସିଂହ, ପରିଚାଳନା ନିର୍ଦ୍ଦେଶକ, କ୍ଲାସ୍ ଏଗ୍ରିକଲଚର ମେସିନେରି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "କ୍ଲାସ୍ ପାଇଁ ଓଡ଼ିଶା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ରାଜ୍ୟର କଅଁଷି କାର୍ଯ୍ୟରେ ଦକ୍ଷତାପୂର୍ଣ୍ଣ ଉନ୍ନତିର ବଡ଼ ସୁଯୋଗ ଥିବା ଆମେ ଦେଖିପାରୁଛୁ। ସୁଦକ୍ଷ କୃଷି ପ୍ରକ୍ରିୟା ଦ୍ୱାରା ଏହା ହାସଏ ହୋଇପାରିବ ଏବଂ ଏହି ପ୍ରକ୍ରିୟାର ଦ୍ରୁତ ଆଧୁନିକୀକରଣ ପାଇଁ ସରକାର ଏକ ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବୈଷୟିକ ଦକ୍ଷତା ବମାଇବା ଏବଂ କୃଷି ଉପକରଣ ମୂତୟନ ପାଇଁ ବିଶେଷଜ୍ଞ ଅପରେଟର ଏବଂ ଟେକ୍ନିସିଆନଙ୍କ ଯେଉଁ ବର୍ଦ୍ଧିତ ଚାହିଦା ରହିଛି ତାହାକୁ ପୂରଣ କରିବା ପାଇଁ ଆମେ ଓଏଫ୍‌ଏମ୍‌ଆର୍‌ଡିସି ଓ ଓଡ଼ିଶାର କୃଷି ବିଭାଗ ସହିତ ମିଶି କାମ କରୁଛୁ।''
ଶ୍ରମ ଶକ୍ତିକୁ ତାଲିମ ଦେବା ଓ ସେମାନଙ୍କ ଦକ୍ଷତା ବଢ଼ାଇବା ପାଇଁ କ୍ଲାସ୍ ଏହାର ପ୍ରଯୁକ୍ତିକୁ ନେଇ ଜଣାଶୁଣା ଯାହା ଗ୍ରାହକମାନଙ୍କୁ ଉନ୍ନତ କିଛି ପ୍ରଦାନ କରିବା ପାଇଁ ନିରନ୍ତର ଉଦ୍ୟମ କରୁଛି। ବର୍ତମାନ କ୍ଲାସ୍‌ର ଓଡ଼ିଶାର ୯ ଡିଲର, ଭୁବନେଶ୍ୱରରେ ଆଂଚଳିକ କାର୍ଯ୍ୟାଳୟ ଓ ସମ୍ବଲପୁରରେ ଗୋଦାମ ରହିଛି। ଏହି ଡିଲରମାନେ ତ୍ୱରିତ ବିକ୍ରି, ସେବା ଏବଂ ପାର୍ଟସ୍ ସହାୟତା ଗ୍ରାହକମାନଙ୍କୁ ପ୍ରଦାନ କରୁଛନ୍ତି।

# ତମାଖୁ ବର୍ଜନ ନେଇ ଅଧିକ ସଚେତନତା ଲୋଡ଼ା: ଡ. ପଣ୍ଡା

ଭୁବନେଶ୍ୱର, (ପିଏନ)-ତମାଖୁ ସେବନ ଦ୍ୱାରା ଏବେ ଫୁସ୍‌ଫୁସ ଜନିତ ରୋଗ ସହିତ କର୍କଟ ଓ ହୃଦ୍‌ରୋଗ ଭଳି ମାରାତ୍ମକ ବ୍ୟାଧି ଗ୍ରାସ କରିଥାଏ। ପ୍ରତିବର୍ଷ ଏହି ତମାଖୁ ବ୍ୟବହାର କରି ଭାରତରେ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ତେଣୁ ତମାଖୁ ବର୍ଜନ ନିହାତି ଜରୁରୀ ଏବଂ ଏଥିପାଇଁ ଅଧିକ ସଚେତନତା ଲୋଡ଼ା ବୋଲି କର୍କଟ ବିଶେଷଜ୍ଞ ଡାକ୍ତର ସୌମ୍ୟସୁରତ ପଣ୍ଡା କହିଛନ୍ତି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ପଣ୍ଡା କହିଥିଲେ ଯେ ତମାଖୁ ବ୍ୟବହାର ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବହୁ କଡ଼ା ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏହା ରୋକା ଯାଇପାରୁନାହିଁ। ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଉଛି। ତମାଖୁ ସେବନ ଦ୍ୱାରା ଲୋକମାନେ କ୍ରମଶଃ ନିକୋଟିନ୍‌ର ଜାଲରେ ଛନ୍ଦି ହୋଇଯାଉଛନ୍ତି। ସିଗାରେଟ ହେଉ କି ଗୁଟଖା ଏବଂ ଜର୍ଦ୍ଦା ହେଉ କି ଗୁଣ୍ଡି ଏସମସ୍ତ ପ୍ରକାର ତମାଖୁରେ ବିଷାକ୍ତ ପଦାର୍ଥ ଭରି ରହିଛି। ଯାହାକି ମଣିଷ ଶରୀରକୁ ଗଲେ କର୍କଟ ଓ ହୃଦ୍‌ରୋଗ ଭଳି ଗୁରୁତର ବ୍ୟାଧି ସୃଷ୍ଟି ହୋଇଥାଏ। ଶେଷରେ ତମାଖୁ ସେବନକାରୀ ମୃତ୍ୟୁବରଣ କରିଥାଏ। ତେଣୁ ଏହି ତମାଖୁ ସେବନ ରୋକାଯିବା ଆଜିର ସମାଜ ପାଇଁ ଏକ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray